ନନ୍ଦାଦେବୀ



ଶ୍ରୀ [illegible]

Digitized by PPRACHIN, SOA

ଶ୍ରୀମତୀ ଯଜ୍ଞ କୁମାରୀ ଦେବୀ

ସୁଚରଣଷୁ

Digitized by PPRACHIN, SOA

"Lead kindly Light lead me thou on
Amidst the encircling gloom."

Digitized by PPRACHIN, SOA



Digitized by PPRACHIN, SOA

★ ନନ୍ଦାଦେବୀ ★

ରଚନା

ଶ୍ରୀ ବିନୋଦ ଚନ୍ଦ୍ର ନାୟକ

ସମ୍ପାଦନା

ଶ୍ରୀ ମନ୍ତ୍ର ନାୟକ

ପ୍ରକାଶକ

ବିକାଶ ପ୍ରତିଷ୍ଠାନ

ଜୟପୁର, (କୋରାପୁଟ)

ମୁଦ୍ରଣ

ବିକାଶ ପ୍ରେସ୍, ଜୟପୁର

ପ୍ରଥମ ପ୍ରକାଶ

ରଜ ସଂକ୍ରାନ୍ତି, ୧୯୬୨

ମୂଲ୍ୟ

ବାନ୍ଧେଇ ସହ ଦୁଇ ଟଙ୍କା ମାତ୍ର

Digitized by PPRACHIN, SOA

'ନନ୍ଦାଦେବୀ' ମୋର ତୃତୀୟ କବିତା ସଂଗ୍ରହ

୧୯୫୮ର ଶେଷାର୍ଦ୍ଧରେ ପ୍ରଥିତଯଶା କଥାକାର ରାଜକିଶୋର ପଟ୍ଟନାୟକ ମୋର ଦ୍ୱିତୀୟ କବିତା ସଂଗ୍ରହ 'ନୀଳ ଚନ୍ଦ୍ରର ଉପତ୍ୟକା'ର ଅନୁସନ୍ଧାନ କରି ଏକ ପତ୍ର ଲେଖିଲେ । ବୋଧହୁଏ ଯାହା କିଛି ସାମାନ୍ୟ ସଂଖ୍ୟାର ପୁସ୍ତକ ଦୋକାନ ସବୁରେ ରକ୍ଷିତ ଥିଲା ସେ ସମସ୍ତ ସେତେବେଳେ ନିଃଶେଷ ହୋଇ ଯାଇଥିଲା । ପୁନଃ ମୁଦ୍ରଣ ପାଇଁ ଏକାଧିକବାର ଅନୁରୋଧ ଜଣାଇବା ପରେ ମୋତେ ନିରୁଦ୍‌ବେଗ ଦେଖି ସେ ନୀରବ ରହିଲେ ।

୧୯୬୦ର ଦ୍ୱିତୀୟାର୍ଦ୍ଧରେ ପୁନର୍ବାର ଶ୍ରୀ ପଟ୍ଟନାୟକ ଶାନ୍ତି ନିକେତନରୁ ନିର୍ଦ୍ଦେଶ ପାଇ ମୋର ପ୍ରଥମ କବିତା ସଂଗ୍ରହ 'ହୈମନ୍ତୀ'ର ଅନୁସନ୍ଧାନ କଲେ । 'ସବୁଜ ସାହିତ୍ୟ ସମିତି'ର ବୁକ୍ ଷ୍ଟଲରେ 'ହୈମନ୍ତୀ'ର ସମସ୍ତ ସଂଖ୍ୟା ରକ୍ଷିତ ଥିଲା ଏବଂ ସବୁଜ ସାହିତ୍ୟର ଅସ୍ତମାନ ସଙ୍ଗେ ସଙ୍ଗେ ତତ୍‌ସହ ସର୍ବଶେଷ ସଂଯୁକ୍ତ 'ହୈମନ୍ତୀ'ର କ୍ଷୀଣ ନାଡ଼ୀର ଯୋଗସୂତ୍ର ଛିନ୍ନ ହୋଇଗଲା ।

ଶ୍ରୀଯୁକ୍ତ ପଟ୍ଟନାୟକ ଆଉ ନୀରବ ନ ରହି ମୋର ନିଚେଷ୍ଟ- ନିଦ୍ରାର ଦ୍ୱାରଦେଶରେ ବାରମ୍ବାର କରାଘାତ କଲେ । ତାଙ୍କ ସହ ପୁରା ସହଯୋଗ କଲେ ଖ୍ୟାତନାମା ପ୍ରକାଶ ଶିଳ୍ପୀ ଓ ସାହିତ୍ୟ କଳାକାର ଶ୍ରୀ ରାମନାଥ ପଣ୍ଡା । ମୋର କବିତା ସଂଗ୍ରହ ପ୍ରକାଶ ପାଇଁ ପାଣ୍ଡୁଲିପି ପ୍ରେରଣର ଆହ୍ୱାନ ଆସିଲା । କିନ୍ତୁ ପାଣ୍ଡୁଲିପି ପାଇଁ ମୁଁ କେବେ ମଧ୍ୟ ପ୍ରସ୍ତୁତ ନଥିଲି । ମୋର କବିତା ନାନା ପତ୍ର ପତ୍ରିକା ବିଶେଷତଃ 'ଝଙ୍କାର'ରେ ପ୍ରକାଶିତ ହୋଇଥାଏ ସତ୍ୟ କିନ୍ତୁ ସଂଗ୍ରହ ଦିଗରେ ମୋର ଆଦୌ ପ୍ରଚେଷ୍ଟା ନଥିଲା ।

Digitized by PPRACHIN, SOA

ମୁଁ ବିଶ୍ୱାସ କରୁଥିଲି ଯେ କବି ନିଜର କବିତା ମଧ୍ୟରେ ସଞ୍ଜୀବିତ ଥାଏ ଏବଂ କବିତାର ଅଧିଷ୍ଠାନ ମାନବ ହୃଦୟର ଅନ୍ତର୍ଲୋକ-ମନ୍ଦିର । ତଥାପି ଆଧୁନିକ ଓଡ଼ିଆ କବିତାର ଦ୍ୱିଗୃରଣୀ ଅପବାଦ ଜନଶ୍ରୁତିରେ ଶୁଣି ପ୍ରତିବାଦ ସ୍ୱରୂପ ମୋର କବିତାକୁ ନିର୍ବାସିତ କଲି— ଶତ ବିନିଦ୍ର ରଜନୀର ପ୍ରୀତି ସାକ୍ଷୀ, ଅଜସ୍ର ବେଦନାର କଣ୍ଟକ ଶଯ୍ୟାରେ ନିରନ୍ତର ଆନନ୍ଦର ସ୍ରୋତବନ୍ତୀ, ଦାରୁଣ ସଙ୍କଟ ମଧ୍ୟରେ କରୁଣାର ଶଙ୍ଖଧ୍ୱନି ସେ କବିତା !!

ଆଜି ଆଧୁନିକ ଓଡ଼ିଆ କବିତାର ବିଗ୍ରହ ସଭାର ଆୟୋଜନ ଚାଲିଛି । ଏଇ ସମୟରେ ଶ୍ରୀ ପଟ୍ଟନାୟକଙ୍କ ନିର୍ଦ୍ଦେଶ ଏବଂ ଶ୍ରୀ ପଣ୍ଡାଙ୍କ ଆହ୍ୱାନକ୍ରମେ ଜନ ଦରବାର ସମ୍ମୁଖରେ ମୋର ନିର୍ବାସିତା କବିତାକୁ ଦଣ୍ଡାୟମାନ କରାଇ ଅଗ୍ନି ପରୀକ୍ଷାର ପ୍ରାର୍ଥନା କରୁଛି ମୁଁ ।

ଅନ୍ତର ମୋର ଶଙ୍କିତ ।

ନିଆଳି ପାଳି - ସୁନ୍ଦରଗଡ଼,
୨୫—୧୨—୧୯୭୧

ଶ୍ରୀ ବିନୋଦ ଚନ୍ଦ୍ର ନାୟକ

Digitized by PPRACHIN, SOA

ଅତି ଆଧୁନିକ କବିତା ✽

କବିତାର ସଜ୍ଞା ନିରୂପଣ କରିବା ପାଇଁ କବିକୁ ଯଦି ଜିଜ୍ଞାସା କରାଯାଏ, ତେବେ ହୁଏତ ସେ ଶେଲିଙ୍କ ଭାଷାରେ ଉତ୍ତର ଦେବ: 'Ask him who prays what is God and ask him who loves what is love.' ତେବେ ମନେହୁଏ ଆତ୍ମା ଏବଂ ଆତ୍ମା ମଧ୍ୟରେ ବିନିମୟ ହେଉଥିବା ଅନିର୍ବଚନୀୟ ଭାଷାହିଁ କବିତା । "ଦାରୁଣ ସଙ୍କଟ ମାଝେ; ତାହାର ଆନନ୍ଦର ଶଙ୍ଖ ଧ୍ୱନି ବାଜେ" — । ସମସ୍ତ ଜ୍ଞାନ ଏବଂ ଏକାନ୍ତ ତର୍କର ବାହାରେ ତାହାର ପ୍ରତିଷ୍ଠା ।

ପ୍ରାଦେଶିକ ମନୋଭାବ, ଇତିହାସ-ଶ୍ରଦ୍ଧା ଏବଂ ବ୍ୟକ୍ତିଗତ ପ୍ରୀତି କବିତାକୁ ସଂକ୍ରମଣ କରି ଆତ୍ମସ୍ଥାନ କରେ । ସଂସ୍କାରର ରଙ୍ଗଭୂମି ଉପରେ କବିକି ସୂତ୍ରଧର ରୂପରେ ଅବତରଣ କରାଇବାର ପ୍ରଚେଷ୍ଟା ଅନେକ । ଅନେକେ ଯୁକ୍ତି ଏବଂ କଳ୍ପନାର ବର୍ଣ୍ଣ ବହୁଳତାର ଭୂମିକା ଗଢ଼ି ବସନ୍ତି । କିନ୍ତୁ ବାସ୍ତବିକ କବିତା ରସର ହିଁ କାରବାର । ଉତ୍କୃଷ୍ଟ ଅନୁଭୂତି ଏବଂ ଚେତନାରେ ପରିପ୍ଲୁତ ଏହି ରସ ଆନନ୍ଦର ସନ୍ଧାନ ଦିଏ ।

କବି ଏକାକି ନୁହେଁ । ରବୀନ୍ଦ୍ରନାଥଙ୍କ କଥାରେ: —

"ଏକାକୀ ଗାୟକେର   ନହେତ ଗାନ
ଗାହିତେ ହବେ ଦୁଇ ଜନେ
ଏକଜନ ଗାବେ   ଖୁଲିଆ ଗଳା
ଅପର ଜନ ଗାବେ ମନେ ।"

Digitized by PPRACHIN, SOA

ପାଠକର ହୃଦୟର ସହାନୁଭୂତିଶୀଳ ସଂବେଦନ ଏବଂ ରୁଚିପ୍ରତି ସଚେତନ ହେବା ମଧ୍ୟ କବିର କର୍ତ୍ତବ୍ୟ । ଆଧୁନିକ କବି ଏହି ଦିଗରେ ବୋଧହୁଏ ଯଥାଯଥ ଅବହିତ ହୋଇ ନଥିବାରୁ ଦୁର୍ବୋଧ ଦୋଷରେ ଅତି ଆଧୁନିକ କବିତା ଦୁଷ୍ଟ ଏବଂ କବି ସମାଲୋଚକର ଶରବ୍ୟ । ଅଭିଜ୍ଞ ସମାଲୋଚକର ବକ୍ତବ୍ୟର ପଦ୍ଧତିକୁ ଔଦ୍ଧତ୍ୟର ସହ ଉପେକ୍ଷା କରିବାର ଦୃଷ୍ଟାନ୍ତ ମଧ୍ୟ ପରିଲକ୍ଷିତ ହେଉଛି । ଆଧୁନିକତା ନାମରେ ଏ ପ୍ରକାର କଳାର ଛଳନା ଅବଶ୍ୟ ବର୍ବରତା । ପାଠକର ରସାସ୍ୱାଦନ କ୍ଷମତା ଏବଂ ସମାଲୋଚକର ମୀମାଂସା ପ୍ରତି କବିର ବ୍ୟକ୍ତିମନ ଯଦି ସମାନ୍ତରାଳ ଭାବରେ ଗତିକରେ ତେବେ ଆଧୁନିକ କବିତା ଦୃଢ଼ ରୂପରେ ହୁଏତ ଦଣ୍ଡାୟମାନ ହୋଇ ପାରିବ ଏ ବିଶ୍ୱାସ କରାଯାଇ ପାରେ ।

ରୋମାଣ୍ଟିସିଜ୍‌ମ, ନଓରିଏଲିଜ୍‌ମ, ଇମେଜିଜ୍‌ମ ଏମିତି କୌଣସି ଏକ ପର୍ଯ୍ୟାୟରେ କବିକୁ ଅନ୍ତର୍ଭୁକ୍ତ କରି କବିତାର ବିଶୁଦ୍ଧ ଧାରାକୁ ନିୟନ୍ତ୍ରଣ କରାଯାଉଛି ।

ଏପରି ପଂକ୍ତିକରଣ କୌଣସି ଏକ କବିତା ପ୍ରତି ହୁଏତ ପ୍ରଯୁଜ୍ୟ ହୋଇପାରେ, କିନ୍ତୁ ସମଗ୍ର କବି ମନର ସୃଷ୍ଟି ପ୍ରତି ନୁହେଁ । ଅବଚେତନ ମନ ଏବଂ ହୃଦୟର ସଂଘାତ ଉପରେ ସମାଜ ସଂସ୍କୃତିର ପୃଷ୍ଠଭୂମିରେ ଏବଂ ସାହଚର୍ଯ୍ୟରୁ ଯେଉଁ ପ୍ରଭାବ ହୁଏତ ତାହାହିଁ ବ୍ୟକ୍ତି ଚିତ୍ତର ଆଧୁନିକତା ସମୟର ଗତିସହ ଏହି ବ୍ୟକ୍ତି ଚିତ୍ତର ପରିବର୍ତ୍ତନ ଘଟେ । ସେହି ଚିତ୍ତର ପ୍ରତିଧ୍ୱନି କବିତାକୁ ଆଧୁନିକ କରେ, ସେ ଚିତ୍ତ ପର୍ଯ୍ୟାୟହୀନ ସ୍ୱଧର୍ମୀ ।

ଭାଷା ପ୍ରକାଶ ଭଙ୍ଗୀ ଏବଂ ଚିତ୍ତ ଧାରାକୁ ଅନୁଭବ କରିବାକୁ ଗଲେ ସ୍ୱତନ୍ତ୍ର ଭାବରେ ଏକ କବିତାକୁ ତିନି ଥର ପାଠ କରିବାର

Digitized by PPRACHIN, SOA

ବିଧେୟ । ବିଗତ ଶତାବ୍ଦୀମାନଙ୍କରେ କବିତା ସହିତ ସଙ୍ଗୀତର ନିଗୂଢ଼ ସମ୍ପର୍କ ଥିଲା । ତେଣୁ ହୃଦୟର ସମ୍ବେଗ ଏକ ଗୀତିମୟ ଭଙ୍ଗୀରେ ପ୍ରକାଶ କରିବା ହୁଏତ ସହଜ ଥିଲା । ପ୍ରାଚୀନର ସମସ୍ତ ପରମ୍ପରାର ନିର୍ମୋକ ତ୍ୟାଗ କରି ଆଧୁନିକ କବିତାକୁ ଏକ ନଗ୍ନ ସୌନ୍ଦର୍ଯ୍ୟରେ ଦଣ୍ଡାୟମାନ କରାଇବାର ଆଧୁନିକ କବି ନିକଟରେ ଏକ ସମସ୍ୟା । ସେଉଁ ଚିତ୍ତର ସମସ୍ତ ଗ୍ଲାନି— ଭଗବାନଙ୍କୁ ସ୍ଥୂଳ ଅଳଂକାରର ଜୟଗାନ କରିଥିଲା:—

"କସ୍ତୁରୀ ତିଳକଂ ଲଲାଟ ପଟଳେ
ବକ୍ଷସ୍ଥଳେ କୌସ୍ତୁଭଂ
ନାସାଗ୍ରେ ନବ ମୌକ୍ତିକଂ
କରତଳେ ବେଣୁ କରେ କଙ୍କଣ ।"

ସେହି ଗ୍ଲାନି ବାଣୀଙ୍କୁ ସ୍ଥୂଳ ମୁକ୍ତା ଓ କଜ୍ଜଳର ଜୟଗାନ କରିଥିଲା—

"କଜ୍ଜଳ ପୂରିତ ଲୋଚନ ଧାରେ
ସ୍ତନ ଯୁଗ ଶୋଭିତ ମୁକୁତା ହାରେ ।"

ସେହି ଗ୍ଲାନି ପରିତ୍ୟାଗ କରି "ବୃନ୍ତହୀନ ପୁଷ୍ପସମ ଆପନାତେ ଆପନେ ବିକଶି" ଆଧୁନିକ କବିତା ଆଜି ଆଲୋକର ସନ୍ଧାନ କରେ । ତଥାପି ସନ୍ଧାନୀର ପଥ ଆଜି ସଂଶୟ ସଂକୁଳ । ସଙ୍କଟ ମଧ୍ୟରେ କେବେ କେବେ ନିଶ୍ଚିହ୍ନ । ଆଧୁନିକ କବି ହୁଏତ ବିହ୍ୱଳ ହୁଏ କିନ୍ତୁ ତାହାର ଅଖଣ୍ଡ ସାଧନା ଏବଂ ଏକାଗ୍ର ଚିତ୍ତ ସମ୍ମୁଖରେ ନୂତନ କବିତା ବରଦା ରୂପରେ ଦିନେ ଆବିର୍ଭାବ ହେବ ଏହା ସୁନିଶ୍ଚିତ ।

Digitized by PPRACHIN, SOA

ନୂତନର ପ୍ରତିଷ୍ଠା ହେଉଛି ସୃଷ୍ଟିର ନିୟମ । ଲର୍ଡ ଟେନିସନ୍ କହିଛନ୍ତି: —

"Old order changeth
 yielding place to new
Lest one good old order
 might corrupt the world."

ପୁରାତନ ଯେତେ ଭଲ ହେଉ ନା କାହିଁକି ତାହାର ପରିବର୍ତ୍ତନର ଆବଶ୍ୟକତା ରହିଛି । ଉତ୍କଳର ପ୍ରତିଷ୍ଠିତ କବିମାନଙ୍କର ଦ୍ୱାର ଆଜି ନୂତନ କବିତା ପାଇଁ ରୁଦ୍ଧଦ୍ୱାର । କିନ୍ତୁ ନୂତନର ପୂଜାରୀ ଡକ୍ଟର ମହତାବ ଆଜିର ବିଷୁବ ମିଳନରେ ଏକ ଅତ୍ୟାଧୁନିକ କବିତା ଲେଖକଙ୍କୁ ସଭାପତି ଆସନରେ ଅଧିଷ୍ଠିତ କରାଇ ନୂତନ ପାଇଁ ସେଇ ବନ୍ଦ କପାଟ ଖୋଲି ଦେଇଛନ୍ତି । ହୁଏତ ରବୀନ୍ଦ୍ରନାଥଙ୍କ ପରି ନୂତନ ଆଲୋକ ତାଙ୍କର ପ୍ରାଣ ପଦ୍ମକୁ ସ୍ପର୍ଶ କରିଛି । ତେଣୁ ତାଙ୍କର ହୃଦୟତନ୍ତ୍ରୀ ଝଙ୍କାର କରି ଉଠିଛି—

"ରୁଦ୍ର ତୋମାର
 ଦାରୁଣ ଦୀପ୍ତି
 ଆସିଛେ ଦୁୟାର ଭେଦିୟା ।"

---

* ୧୯୬୨ ବିଷୁବ ମିଳନର କବିତା ପାଠୋତ୍ସବର ସଭାପତି ହିସାବରେ ଶ୍ରୀ ବିନୋଦଚନ୍ଦ୍ର ନାୟକଙ୍କ ଅଭିଭାଷଣ ।

Digitized by PPRACHIN, SOA

ନଈର ଡାକ	୧
ଉତ୍ତର ଆକାଶର ଛାୟା	୫
ରୂପା ଥାଳି ସୁନା ଗିନା	୯
ଶିମୂଳି ...	୧୫
ନୂତନ ମେଘର ଆଳତ	୧୭
ସାଗର-ସଙ୍ଗମ	୨୦
ସୁବର୍ଣ୍ଣ କଳସ	୨୪
ଗ୍ରାମପଥ	୨୭
ଦୁଇଟି ନୀଳ କସ୍ତୁରୀର ଛାୟା ...	୩୨
ଅନ୍ତରୀପର ରାତ୍ରି ...	୩୪
ନାଗୁଣୀ କନ୍ୟାର କାହାଣୀ	୩୮
ମୃତ ନଗରର ମରୀଚିକା	୪୨
ମହା ସାଗରର ଗ୍ରାସ	୪୪
ନିର୍ଜନ ରୌଦ୍ରେ ଧୂସର ...	୪୮
ବହିଯାଏ ଧୀରେ ଗୋଦାବରୀ	୫୦
ବର୍ଷାର କବିତା ...	୫୩
ଶ୍ରେଷ୍ଠ ମୋ ଗାଆଁ	୫୬
ଅଜାଣ ପଥିକର ଆତ୍ମକଥା ...	୫୯
ଜୀବନ ପ୍ରଭାତ ...	୬୩
ରଥାଙ୍ଗ ମିଥୁନ	୬୭
ମୈୟାଁ ...	୭୨
ମାଲବାର୍ ହିଲ୍	୭୫
ନନ୍ଦାଦେବୀ	୭୯

Digitized by PPRACHIN, SOA

ନିଶିର ଡ଼ାକ

ନୂତନ ରାତ୍ରି ନୂତନ ରାତ୍ରି ଡାକେ
ପାନ୍ଥରେ ରୁଦ୍ଧ
ଡାକେ ଏଇ ପାନଶାଳା
ମୁକୁଳା କପାଟେ ବାହୁଲତା ତାର ଭିଡ଼ି
ଡାକେ ଏଇ ଡାକେ
ସେ ପରିଚାରିକା ବାଳା ।

ତୃଷ୍ଣପ୍ସା ଡଥିର ଚନ୍ଦ୍ର ଗଳୁଣି ନଭ
ଦେବଦାରୁ ବନେ ।
ମେଷ ପାଳକର ଝିଅ
ଗୋଠ ଛୁଁଡ଼ା ମେଷ ଶାବକରେ ଡାକେ···ଡାକେ
ଦିଗନ୍ତ ହୁଏ ଧ୍ୱନିତ ତା ଡାକେ
ପ୍ରିୟ ।

ଦୂର ଶୃଙ୍ଗର ଶିଖରେ ଜମୁଛି ଝଡ଼
ପୀଡ଼ିତ ଶ୍ୱାସ କ
ବାୟୁର ବାଜଇ ଶାଖେ
ପାନ୍ଥରେ ରୁଦ୍ଧ
ରାତ୍ରି ତମସା-ବୃତ
ଶୁଣ୍ ଶୁଣ୍ ଦୂରେ ପାନଶାଳା ଉଠେ ଡାକେ ।

Digitized by PPRACHIN, SOA

ଦୁଇ

ରନ୍ଧନ ଶାଳା ଉଷ୍ମ ପରଶ ଡାକେ
ପରଷୁଣୀ ପୁଣି ନିପୁଣ ରସିକା ଅତି
ବାତାୟନ ଦେଇ
ବ୍ୟଞ୍ଜନ ବାସ ଆସେ
ମିଳାଉ ଆଲୋକେ ମରଇ
ମହଣ ବର୍ତ୍ତି ।

ପାନ ପାତ୍ରର କଣ୍ଠେ ନବଚନ୍ଦ୍ରେ ରଚି
ସୁନାର ପରିଧି
ଡାକେ ପୁରାତନ ସୁରା
ବିଶ୍ରାମାଗାରେ ଫେନ ନଭ ତୁଳୀ ଧାରେ
ଶଯ୍ୟାର ସହଚରୀ କେ
ତନ୍ଦ୍ରାତୁରା ।

ଆଗରେ ଗହନ ରାତ୍ରି କି ବାହୁନେ ବସି
.... ଭଗ୍ନ ସେତୁର
ତଳେ କି ଆତୁରା କାମେ
ଅପଦେବୀ କରି ନଗ୍ନ ତା ତନୁ ତଟ
ମୋହିନୀ ମନ୍ତ୍ର ଜପେ ଆଜ ଚୋର ନାଟେ ।

ଓଠରେ ତୁମର ଜ୍ୱାଳା ଦେବ ସଏତାମି
ଯେ ତୁମ ପରଶେ
ବାଟୋଇ ଭୁଲଇ ଗ୍ରାମ,
ଭୁଲେ ଘରଣୀର
ପଣତ ତଳର ନିଦ
ସେ ତମର ବକ୍ଷ-ଦେହ ଦହେ ଅବିରାମ ।

Digitized by PPRACHIN, SOA

ଢନ

ଫାଲ୍ଗୁନରେ ଶୁଣି ବନ୍ଧ କରି ତୋ ପାଦ
ସୁରା କଣ୍ଠରେ ବିଶ୍ରାମୀ ଦଳ ଗାଏ;
"ଶୋଭନା ହାତର କାଚ ରୁଣୁଝୁଣୁ ଡାକେ,
ସୁଘର ପାନ୍ଥ ଡାକେ
ଆସ ଏଠି, ହାୟ ।"

ଆଗପଥ ଆହା ଭଗ୍ନ ଶଙ୍କୁଳ ଖାତ
ବନ୍ୟ ଛତୁ ଫୁଟେ
ସର୍ପ ବିବର ପାଶେ,
ଡାଆଣୀ ଆଲୁଅ ଧରିଣ ପିଶାଚୀ ବୁଲେ
ଭଗ୍ନ ଦୁର୍ଗେ
ସନ୍ଧି ଗୃରଣ ଆଶେ ।

ସେ କେଉଁ ଦୂରରେ କି ଡାକେ ତୋ ଅନୂଢ଼ା ସଖି
ତାର ବକ୍ଷ ବାହୁ ଲାଗି କି ମରେ ତୋ ଗଳା,
ପଥେ ପଥେ ତାର
ନୂପୁର କି ତଡେ ଡାକେ
ଆଖିର କାହାଣୀ ତାର କି ମରମ ଜଳା ।

ଓଠ ତଳ ମଦ ପିଆଲି ତାର କି ଅବା
ନାଲି କରିଦିଏ ମେଘ ଗୁମ୍ଫିତ ରାତି
ବୁକୁ ତଳେ ତାର
ସ୍ୱର୍ଗ ଗଢ଼େ କି କେହୁ ?
ସ୍ୱର୍ଗ କରେ କି
ଧରି ତୋ ବାଳିକା ସାଥି !!

Digitized by PPRACHIN, SOA

ସ୍ୱର

ଭୁଲରେ ପାନ୍ଥ ! ଧରାର ରୂପସୀ·କେବେ
ସଜ୍ଜ ହୋଇଛନ୍ତି କି କୁଣ୍ଠିତ ଦେହ ବହ୍ନି
ଉଚ୍ଛିଷ୍ଟ ସୁରା ପ୍ରତି ପାତ୍ରେ ସେ ଢାଳେ
କଳଙ୍କ ବଣ୍ଟି
ସେ ଏକ ଛଳନା ମୟୀ ।

ସ୍ଖଳିତ ପଥରେ ମିଳେ ତେଣୁ ଗନ୍ଧ ଫୁଲ
ବାସି ନ ହେଉଣୁ ଆଘ୍ରାଣ କରି ନିଅ
ବିଶ୍ରାମ ପାଇଁ
ପାତିଲେ ପଣତ କେହ୍ନ
ପ୍ରଣାମ କରିରେ
ସେହ୍ନ ତୋର ବରଣୀୟ ।

ନୂତନ ରାଗିଣି··· ନୂତନ ରାଗିଣି ଡାକେ
ଦିଗନ୍ତେ ନଭ ଗଲାଣି କେଉଁଠି ତାରା,
ବିଗତ ଦ୍ୱିତୀୟ ଯାମର ଶିଆଳ ଡାକେ
ବେଗେ ଆସ···
ହେବ ବନ୍ଦ ଏ ପାନଶାଳା ।

Digitized by PPRACHIN, SOA

ଉତ୍ତର ଆକାଶର ତାରା

ନୀଳ ମେଘ ଅନ୍ଧକାର·········
ଉନ୍ନିଦ୍ର ଆକାଶ
ନିଦ୍ରିତ ସାଗର ବକ୍ଷେ ଶୁଭେ ଦୀର୍ଘଶ୍ୱାସ ।
ତୁମେ କି ବାହୁଛ ପୋତ ?
ଖୋଲ ପାଲ ପକାଅ ନଙ୍ଗର;
ଉତ୍ତର ଆକାଶ ତାରା ନାହିଁ ଦିଶେ
ଗୃରଆଡ଼େ ହିଂସ୍ର ଅନ୍ଧକାର ।

ସେ ଦିନ ସିଂହଳରୁ ଯେବେ ଫେରୁଥିଲି
ନେଇ ପୋତ ପଣ୍ୟ
ହେ ଲାବଣ୍ୟବତୀ,
ଏକ ଗଜଦନ୍ତ ପୋତ ଚୀନାଂଶୁକ ତଳେ
ପ୍ରବାଳ ସ୍ତମ୍ଭର ଅନ୍ତରାଳେ
ଦେଖୁଥିଲି ନୀଳସ୍ନାତ ସାଗରର ସ୍ୱପ୍ନେ
ଆକାଶ ମମତା ତାର କେମନ ମିଶାଏ ।
ଦୂର ଦ୍ୱୀପୁ ମସଲାର ଗନ୍ଧ ନେଇ
ବହୁଥିଲା କଳିଙ୍ଗର ବାୟୁ,

ଆଉ
ଅଜସ୍ର ଇନ୍ଦ୍ରଧନୁ କି ଲେଖୁଥିଲା
ଗ୍ରୀବା ମୂଳେ ତୁମ କଣ୍ଠେ ମୋତି
ହେ ଲାବଣ୍ୟବତୀ !
ଆହ୍ଲାଦର ଛନ୍ଦେ ଛନ୍ଦେ
ନିପଟ୍ଟାରେ ଖଞ୍ଜଣି ମନ୍ଦିରା
ବାଜୁଥିଲା ନର୍ତ୍ତକୀର ନୂପୁରେ ଅଧୀରା ।

Digitized by PPRACHIN, SOA

ଛଅ

ସେଇ ଉତ୍ସବର ହେଲା କେବେ ସମାପିକା
କେବେ ହେଲ ଭଞ୍ଜର ନାୟିକା ?
ମୟୂର ଓ ମର୍କଟର ପଣ୍ୟ ନେଇ
ବଣିକର ବେଶେ
ଗଲ କେବେ ଦ୍ୱୀପାନ୍ତେ ବିଦେଶେ,

କେବେ ଜଳଦସ୍ୟୁ ହାତେ
ନିର୍ବାସିତ ଏ ନିର୍ଜନ ଦ୍ୱୀପେ
ହେଲ, କେବେ ଏକ ଜଳ ଗର୍ତ୍ତର ସମୀପେ
ବସି ବସି ବିତାଇଲ
ନିର୍ଜନ ସମୟ;
କେ କହିବ କେ କହିବ କହ !

ଏଇ ପାରେ ଖାଲି ଏକ ସାଗର ବିସ୍ତାର
ସାରସ ସାରସୀ ଶୁଭ୍ର ଡେଣାର ପ୍ରସାର
କ୍ୱଚିତ୍ ସ୍ତର ମେଘ;
ଏଇ ସାଗର ସେପାରେ
ଶାସନର ହସ୍ତାନ୍ତର- ଶୁଳ୍କ ବୃଦ୍ଧି ଗୃହେ ।
ଯୁବତୀ ଧର୍ଷଣ ହତ୍ୟା କେତେ ପଞ୍ଚାୟତ
ନିର୍ବାଚନ, ମଦ୍ୟ, କେତେ ତଥ୍ୟ ଓ ଅତଥ୍ୟ
କେତେ ମତ
ଆଉ କେତେ ପରକୀୟା ପ୍ରୀତି;
ସେ ସବୁର କୋଳାହଳ ସେ ସବୁ ବିସ୍ମୃତି
ଅରଣ୍ୟ ଅଗ୍ନିର ଧୂମ୍ର ସମ ଉଠେ
ଭେଦି ନୀଳ ସିନ୍ଧୁର ବଳୟ ।

Digitized by PPRACHIN, SOA

ସାତ

ଏଇ ଭଲ
ଘଟଣାହୀନ   ଜୀବନ   ଆଉ   ସିନ୍ଧୁ ଜଳ
ଅନେକ ମତ୍ସ୍ୟର ଲୀଳା, ନାନା ମେଘ ଛାୟା
ବନ ରାଜି ମାଳା ହୁଏ ପାଇ କଛୁ ମାୟା
ଅକଳନ ଆକାଶର ନୀଲୁଁ ....
ଏଇ ଭଲ
ଖାଦ୍ୟ ନେଇ ପ୍ରେମ ନେଇ କଥାଁ ରକ୍ତପାତ ଅଶ୍ରୁଜଳ ।

ଏ ସନ୍ଧ୍ୟା ସାଗର ଜଳେ ସେଇ ପୋତେ ବସି
ସେ ତଟେ ବାହୁଛ ଯଦି   ହେ ଲାବଣ୍ୟବତୀ
ଖୋଲି ପାଲି ପକାଅ ନଙ୍ଗର
ସେ ତଟେ ଆସିଛି ଝଡ଼
ଉତ୍ସବରେ ମାତେ ଅନ୍ଧକାର ।

ଆସ ତୁମେ ଏଇ ଦ୍ୱୀପେ
ଏ ବେଳା ନିର୍ଜନେ
ଭୁଲିଯାଅ ସିଂହଳର ଚନ୍ଦ୍ରଶାଳା
କର୍ଣ୍ଣାଟର ମଣି ସିଂହାସନ
ଭୁଲି ସେଇ ତଟର ବିଳାସ
ଭୁଲି ନାଗରୀ ଜୀବନ
ଏଇ ସିନ୍ଧୁକୂଳେ ଆସ
କରିଯିବା ତରଙ୍ଗ ଗଣନ୍;
ଅବା କେଉଁ ବନ୍ୟ ଫୁଲେ
ପ୍ରଜାପତି ରଚିଲେ ପ୍ରଣୟ
ସାମୁଦ୍ରିକ ବାୟୁ ସାଥେ ଉଡ଼ାଇବା ତାର ଜୟ ଜୟ

Digitized by PPRACHIN, SOA

ଆଠ

ସନ୍ଧ୍ୟାରେ ଜାଳିଲେ ଦୀପ ତାରା ସାଥେ
କେ ଜ୍ୟୋତିରଙ୍ଗଣ
ରୂପ କଥା କହି ଆମେ ସଜାଇବା
ଅଳସ ଶୟନ ।

ଏ କି ତ ଜୀବନ !
କିପାଇଁ ସଂଘର୍ଷ କିପାଁ ଦ୍ୱନ୍ଦ୍ୱ ଅକାରଣ ?
ଏ ଦ୍ୱୀପର ବାଲିଚର ସ୍ତୁପେ
ଉତ୍ତର ଆକାଶ ତାରା ଧୀରେ ଅସ୍ତଯାଏ ।
ଖୋଲି ପାଲି ଟେକାଅ ନଙ୍ଗର
ଦୀପ-ସ୍ତମ୍ଭର ସଙ୍କେତ ଦୂର ତଟେ ନାହିଁ ଯାଏ ଦେଖା
ଅନ୍ଧକାର ଖାଲି ଅନ୍ଧକାର ।

Digitized by PPRACHIN, SOA

ରୂପା ଥାଳି ସୁନା ଗିନା

— ଦିଲ୍ଲୀପ ପାଇଁ —

"ରୂପାର ଥାଳରେ ଆଣିଛୁ ତୋ ପାଇଁ ଭାତ
ସୁନାର ଗିନାରେ
ଭରିଛୁ ଶୀତଳ ପାଣି
ଖାଇ ଦେରେ ଶୁକ
ମୋ ଗୁଣ ରହିବ ତୋତେ"
ରାଜବାଳା ଭାଷେ ବୀଣା ନନ୍ଦିତ ବାଣୀ ।

ସୁନା ପିଞ୍ଜରା ଉପରେ ଘୁମାଏ ଶୁକ
ହଂସ ପୁରର
ସଉଧ ଛୁଅଇଁ ମେଘ
ଗଜ ଦନ୍ତର
ପଲ୍ୟଙ୍କେ ରାଜବାଳା
— ସୁନା ମୁହଁ ଶୁଖେ । ମନେ ଶତ ଉଦବେଗ

ରାଜବାଳା କହେ "ପଦକ ପଦ୍ମରାଗ
ଇନ୍ଦ୍ରନୀଳର
ମାଳା ଦେବି ଗଳେ ଆଣି
ଖାଇ ଦେରେ ଶୁକ । ରୂପାର ଥାଳରେ ଭାତ
ସୁନାର ଗିନାରେ ବାଢ଼ିଛୁ ଶୀତଳ ପାଣି ।"

Digitized by PPRACHIN, SOA

— ୨ —

କଣ୍ଠେ କାକୁତ ଶୁକ କହେ "ମିନତି ମୋ
ପିଞ୍ଜର ଦ୍ୱାର ଖୋଲିଦେ ଗୋ ରାଣୀ ବାରେ
ଅପନ୍ତରର ତରୁଶାଖା ମୋତେ ଡାକେ
କଳ ଘଷେ ଡାକେ ସୁଅଧାର ଝରଣାରେ ।

ରୂପାର ଥାଳରେ ଦିବ୍ୟଶାଳି ଏ ଭାତ
ସୁନାର ଗିନାରେ
କର୍ପୂର ମିଶା ପାଣି
ବନଚର ଏକ ଅବୋଧ ପକ୍ଷୀର ପାଇଁ
ତୁ ଗୋ ରାଜବାଳା କପାଇଁ ସଜାଉ ଆଣି,

ଛୁଡ଼ିଦେ ମୁଁ ଯାଏଁ
ମାଆ ମାଟି ମତେ ଡାକେ
ଶ୍ୱେତ ଶଙ୍ଖର ଫାଟକର ଆର ପାରେ
ଅପନ୍ତରର ତରୁଶାଖା ମତେ ଡାକେ
କଳ ଘଷେ ଡାକେ ସୁଅ ଧାର ଝରଣାରେ ।"

— ୩ —

ରାଜବାଳା କହେ
"ଶୁଣାଇବ ତତେ ଗାନ
ମୃଦଙ୍ଗ ନାଦେ ବୀଣାତାନେ ବେଣୁସ୍ୱନେ,
ନର୍ତ୍ତକୀ ମୁଁ ରେ ସାଜିବ ତୋ ପାଇଁ ଶୁକ
ମର୍ଦ୍ଦଳ ତାଳେ ମଧୁର ଆଳାପନେ ।

Digitized by PPRACHIN, SOA

ବସନ୍ତ ରାଗେ ଶୃଙ୍ଗାର ସରଜିବ
ମେଘ ମହ୍ଲାରେ ବରଷା ଆଣିବ ଡାକ
ମାଳଞ୍ଚେ ଆହା
ଚନ୍ଦ୍ରାତପର ତଳେ
ପଲଙ୍କେ ତୋ ଦେବ ଅଳସ ସପନ ଆଁକ ।

ଖାଇ ଦେ ରେ ଶୁକ ।"
ରାଜାର ଦୁଲାଳୀ କହେ
କଜଳିତ କରେ ଲୋତକ ତା ଅପଘନେ
ସୁନା ପିଞ୍ଜରା ଉପରେ ଘୁମାଏ ଶୁକ
ଲୋଭ ନାହିଁ ଲାଗେ ନୂପୁର ଗୁଞ୍ଜରଣେ ।

— ୪ —

ବ୍ୟଥିତ କଣ୍ଠ ଶୁକ କହେ ଅବସାଦେ,
"ପିଞ୍ଜରା ଦ୍ୱାର ଖୋଲି ଦେ ଖୋଲି ଦେ ରାଣୀ
ଶୁଣୁ ହରିଣୀର ଚକିତ ପଦର ଧ୍ୱନି
ବନଭୂମି ଆହା ମୁଖରିତ ହେଲାଣି,
ବନ ଜୋଛନାର ଧୂସରିତ ଶାଖାତଳେ
ନୀଡ଼ର ଶୟନ ମଧୁର କରଇ ମୋତେ
ବେଣୁ କୁଞ୍ଜରେ ଝଡ଼ ରାତେ ପଥ ଭୁଲି
ଅନୂଢ଼ା ସଖି କେ ଡାକେ ମତେ ଅବିରତେ;

ତୁ ରାଜ କୁମାରୀ ଚନ୍ଦ୍ର ତପନ ତଳେ
ଦେଖି ନାହିଁ ପାରେ ମୁଁ ଚିର ବନର ପ୍ରାଣୀ
ମୋ ପାଇଁ ତୋ ଆଖେ ଅଶ୍ରୁ ପାଏନା ଶୋଭା
ପିଞ୍ଜରା ଦ୍ୱାର ଖୋଲି ଦେ ଖୋଲି ଦେ ରାଣୀ ।

Digitized by PPRACHIN, SOA

— ୫ —

ବାହ୍ମ ଘରେ ପୀଢ଼ କଣ୍ଠ ଶୁକର କହେ
    ରାଜାର କୁମାରୀ, "ଓଠେ ତୋର ଓଠ ରଖି
ଶିଖାଇ ଦେବ ମୁଁ ରାଜ ନଗରର ଭାଷା
    କବିତା ରଚନା କଉଶଳ ଆରେ ପକ୍ଷୀ ।

କାବ୍ୟ କାହାଣୀ ପଢ଼ି ତତେ ଶୁଣାଇବ
    ସନ୍ଧ୍ୟା ଆଲୋକେ ପଶ୍ଚିମ ବାତାୟନେ
ତାରକାଭ ରାତେ କଳ୍ପବରେ ରୂପକଥା
    ପଣତର ତଳେ ରଖି ତତେ ଅନୁକ୍ଷଣେ ।

ଖାଇଦେ 'ରେ ଶୁକ ମୋ ରାଣି ରହିଲି ତୋତେ
    ତୁ ହେବୁ ଦୋସର, ମୁଁ ହେବ ତୋ ପ୍ରିୟସଖି ।"
ବାହୁଲତା ଭିଡ଼ି କଣ୍ଠେ ଶୁକର କହେ
    ରାଜାର କୁମାରୀ ଓଠେ ତାର ଓଠ ରଖି ।

— ୬ —

ଚକିତ ଚିତ୍ତ ଶୁକ କହେ, "ରାଜବାଳା
    ଖୋଲିଦେ ଗୋ ବାରେ ସୁନା ପିଞ୍ଜରା ଦ୍ୱାର
ଦୂର ପତଙ୍ଗ ଗୁଞ୍ଜରଣେ ମୁଁ ଶୁଣେଁ
    ଗହନ ବନର ଗୋପନୀୟ ସମାଚାର

ମେଘେ ମେଘେ ଆହା ବିଦ୍ୟୁ ନଟୀର ରାସେ
    ଚାତକ କଣ୍ଠେ ଶୁଣେ ମୁଁ କରୁଣ ଆଶା
ଝଡ଼ର ବେଳେ ମୁଁ ପକ୍ଷ ମିଳାଇ ଶୁଣେ
    ବନ ଓ ନଭର ସ୍ପନ୍ଦିତ ମହାଭାଷା ।

Digitized by PPRACHIN, SOA

କାବ୍ୟ ନାୟିକା ତୁ କବି ଶତର ରାଣୀ
କାବ୍ୟ କାହାଣୀ ମୁଁ କି ଜାଣେ ପକ୍ଷୀ ଗୁର
ବନ କଥା ଜାଣେ ଜାଣେ ମୁଁ ଆକାଶ କଥା
ଖୋଲ ଦେ ଖୋଲ ଦେ ସୁନା ପିଞ୍ଜରା ଦ୍ୱାର ।"

— ୭ —

ରାଜବାଳା କହେ "ଶୁଣରେ ଶୁଣରେ ଶୁକ
ଇଂଗିତ ଯେବେ ଦେବି ଏଇ ଆଖି କୋଣେ
ପଦ୍ମେକ ରଥ ଅର୍ବୁଦ ପଦ ସେନା
ଚଳିବେ ବିପୁଳ ଅଭିଯାନେ ମାତି ରଣେ

ଦେଶେ ଦେଶେ କରି ନନ୍ଦିତ ତୋର ଗାଥା
ମନ୍ଦ୍ରିତ ଭେରୀ ଗରଜି ଉଠିବ ଆଜ-
ବନ୍ଦୀ କରି ମୁଁ ଖଟାଇବି ତୋର ପଦେ
ସପ୍ତଦ୍ୱୀପର ଯେତେ ରାଜ ଯୁବରାଜ ।

ଗୌରବେ ତୋର ଉଚ୍ଛଳ ଉଠିବ ଧ୍ୱଜ
ପୁଣ୍ୟ ଶ୍ଳୋକ ତୋ ଘୋଷିବେ ସକଳ ଜନେ
ଖାଇଦେ ରେ ଶୁକ ।" ସ୍ୱୀକାର ଦୁଲାଳୀ କହେ
ଲୋତକ ଝରଣା ଝରଇ ତା ଆଖି କୋଣେ ।

— ୮ —

ପ୍ରଣତି ଜଣାଇ ଶୁକ କହେ "ରାଜବାଳା
ସୁନା ପିଞ୍ଜରା ଦ୍ୱାର ବାରେ ଖୋଲି ଦେ ଗୋ
ଦୁଇ ବାହୁ ମେଲି କୋଳ କରିବାକୁ ଚାହେଁ
ଏ କ୍ଷୀଣ ତନୁରେ ଅସୀମ ମମତା ଯେ ଗୋ

Digitized by PPRACHIN, SOA

ମୁଁ କେସନ ରହେଁ ତୋ ଯଶ-ସଉଧେ ଜେମା
　　ଆକୁଳିତ କରେ ମୋତେ ଅଜଣାର ଡାକ
ଶିରାର ଶୋଣିତେ ଶୋଣିତେ　ସେ ଡାକ ଶୁଣେ
　　ଲକ୍ଷ ଯୋଜନ ଦୂରୁ ମୋର ଚଉପାଖ

ତୋ ପାଇଁ ରାଇଜ ବିଭବ ସିଂହାସନ
　　ତୋର ବାହୁମାଳା ପାଏ ଯେ ସୁଭଗ ସେ ଗୋ
ଯୋଗ୍ୟ ମୁଁ ନୁହେଁ　ଅକିଞ୍ଚନ ମୁଁ ଗୁରୁ
　　ସୁନା ପିଞ୍ଜରା ଦ୍ୱାର ବାରେ ଖୋଲି ଦେ ଗୋ ।"

— ୯ —

ସଉଧ କଳସ ଛୁଇଁ ଭାସିଯାଏ ମେଘ
　　ଢବାର ଆଲୋକେ ଜୋଛନା ପରାଗ ତଳେ
ଛଅ ଋତୁ ସୃଜେ ଶୃଙ୍ଗାର ଅଭିନବ
　　ଶୋଭା ସମ୍ଭାର ଛୁଟେ ନଭେ ଜଳେ ସ୍ଥଳେ

ପ୍ରଭାତେ ଚଳଇ କୃଷକ ବନଭୂ ଖେତେ
　　କ୍ଳାନ୍ତ ତନୁଟି ସନ୍ଧ୍ୟାରେ ଫେରେ ଗେହେ
ଦେଉଳର ମୂଳେ ମଉଳେ ଶିଶୁର ସଭା······
　　ଜୀବନୋତ୍ସବ ଚଳେ ସମାରୋହେ ସ୍ନେହେ

ଅଭିମାନିନୀ ସେ ରାଜାର ବାଳିକା ଖାଲି
　　ବକୁଳେ ରୋଦଇ ହଂସ ପୁରର ତଳେ
ସୁନା ପିଞ୍ଜରା ଉପରେ ଘୁମାଏ ଶୁକ
　　କାହାର ଡାକ ସେ ଶୁଣେ ନଭେ ଜଳେ ସ୍ଥଳେ ।

Digitized by PPRACHIN, SOA

ପନ୍ଦର

ଶିମୁଳୀ

ଶୃଙ୍ଗ ଶୃଙ୍ଗ ରଚେ ଅଗ୍ନି ସ୍ନାନ
ତଳେ ଆପ୍ଲୁତହୀନ ନଦୀ ପାଣ୍ଡୁର ସିକତା
ତୃଷାର୍ତ୍ତ ଜିହ୍ୱାର ସମ
ଦୂର ଲମ୍ବମାନ ।
ବୈଶାଖର ନିର୍ଦ୍ଦୟ ମଧ୍ୟାହ୍ନ ।

ଉଲଗ୍ନ ଅନେକ ଶାଖା
ଆକାଶର ଅକରୁଣ ନୀଳ
ସୂର୍ଯ୍ୟ ସ୍ନାନ ରଚେ ଶଙ୍ଖ ଚିଲ
ବହୁଦୂରେ ଘୁମାଇଛି କ୍ଲାନ୍ତ ଜନପଦ
ଗୈରିକ ପଥର ତୃଷ୍ଣା, ଦ୍ୱିଗୁଣିତ କରି
ଥିପି ପଡ଼େ ମହୁଲର ମଦ
ସୃଜି ମରୀଚିକା
ନାଚେ ବୈଶାଖର ରକ୍ତ ଶିଖା !

ନୀଳପଟେ ଫିଙ୍ଗିଦେଇ ତୁଳୀ
କେଉଁ ରଙ୍ଗ ଲେସି ଦେଲା ପରି
ଏଠି ଏକା ନିର୍ଜନ ଶିମୁଳୀ,
ପୁଷ୍ପେ ପୁଷ୍ପେ ସାଜି
କିବା ରକ୍ତ ଲାଜ
ପିଙ୍ଗଳ ଜଟାର ଜାଳେ ରୁଦ୍ରାଗ୍ନି ବହ୍ନିର
ଅଚଳସେୟ ଆମ୍ରଧାତ୍ରୀ ସଞ୍ଚାରିକ ସୀମନ୍ତ ସିନ୍ଦୁର !!
ଗୃହ ଆଡ଼େ ଶିଖା ଟେକି
ନାଚେ କିବା ହିଂସ୍ର ଅପମାନ
ବୈଶାଖର ଆଗ୍ନେୟ ମଧ୍ୟାହ୍ନ !

Digitized by PPRACHIN, SOA

ଷୋଳ

ଏ ମୋ ବୈଶାଖ ଆକାଶେ ଆସେନା ଉତ୍ସୁକ-
ମେଘର ମେଦୁର ବନ୍ୟା, ଗୁମ୍ଫାର କୌତୁକ-
ମମତା ବର୍ଷଣ କରି ଯାଏ ନାହିଁ; ଖାଲି ହାହାକାର
ସାମାନ୍ୟ ସବୁଜ କ୍ଷତ ନାହିଁ କାହିଁ ଏ ମରୁ ମାୟାର ।
ବାୟୁ ଚନ୍ଦ ନେଇ ଚଳେ
ଯନ୍ତ୍ରଣାର କୁଙ୍କୁମିତ ଧୂଳି
ଦିଷ ସୂର୍ଯ୍ୟ ଶରେ ଶରେ କଣ୍ଟକିତ
ମୁହିଁ ସେହି ରକ୍ତାକ୍ତ ଶିମୁଳୀ ।

ଦିଅ ତେବେ ଦିଅ ଦିଅ
ନିଦାରୁଣ ଯନ୍ତ୍ରଣାର ଜର୍ଜରିତ ପ୍ରାଣ
ଶିରାରେ ଶିରାରେ ତୋଳ ପଞ୍ଚାଗ୍ନି ର ଗାନ
ଧ୍ୱଂସର ନଟୀର ସାଥେ ରଚ ସ୍ୱୟଂବର
ଆଣ କାଳ ବୈଶାଖୀର ଝଡ଼ ।

Digitized by PPRACHIN, SOA

ନୂତନ ମେଘର ଆଳତ

ଗ୍ରାମ ସୀମା
କଙ୍କଡ଼ାଶୃଙ୍ଗୀର ବନ
ଅନେକ ଶଙ୍ଖ ବିଷର ଲତା   ନଦୀ ତୀର
ଏଠେ ଆସେ ମେଘ ।

ଏ ମେଘ ଆସେ କି ଆଜି ଅଳକାର ପୁରୁ
ଯକ୍ଷିଣୀର ସଜଳ ନୟନ
ପୋଛୁ ପୋଛୁ କଜ୍ଜଳିତ କରି କରତଳ
ସ୍ୱେଦ ବିନ୍ଦୁ ନିବାରୁଣୁ ସେଇ କରେ ମେଘ
କରିଛି କି ତନୁ କଜ୍ଜଳିତ ।
ଏ ମେଘ ଆସେ କି ଆଜି ଅଳକାର ପୁରୁ
କର୍ଷିତ କ୍ଷିତି ଆଘ୍ରାଣେ ଉଜ୍ଜୟିନୀ ପଥେ ?
କାହ୍ନା କବରୀ ଉଜୁଡ଼ା କଦମ୍ବ ପାଖୁଡ଼ା
ଆହ୍ୱର ପରାଗ ରେଣୁ ମାଖିଛି କି ମେଘ
ବିପୁଳ ଲଲାଟେ ?

କାହିଁ ଉଜ୍ଜୟିନୀ କାହିଁ ଏ ଗ୍ରାମର ସୀମା
ନୂତନ ମେଘର ଜଳଗନ୍ଧ ନେଇ ଫୁଟେ
ଶଙ୍ଖ ବିଷ ଫୁଲ ଏଠେ,
କଙ୍କଡ଼ାଶୃଙ୍ଗୀର
ଗୁଚ୍ଛା ଘନ ଫଣ ତଳେ ଆଲିମ୍ପନ ଲେଖେ
ସବୁଜ ଶୃଙ୍ଗ ଶାମୁକା
ଏଠେ ଆସେ ମେଘ ।

Digitized by PPRACHIN, SOA

ଅଠର

ଏ ଗ୍ରାମେ କେ ଗୁଣ୍ଠନବତୀର
ଲୋତକର ଘ୍ରାଣ ପାଇ ଆସିଛୁ କି
ଏ ନୂତନ ମେଘ ?
ଅଳକାର ଯକ୍ଷିଣୀ କି ସେ ଗୁଣ୍ଠନବତୀ
ଅଭିଶାପେ ବର୍ଷ ଯାପେ
ରନ୍ଧନ ଶାଳାରେ
ଶୀର୍ଣ୍ଣ କରୁ ଖସେ କି ତା ସ୍ୱର୍ଣ୍ଣର ବଳୟ ?
କା ଛବିର ଧୂପ ଜାଳେ ନୟନେ ତା
ସ୍ମାରକ ଅଙ୍ଗୁରୀ ?

ଏ ମେଘ ମାନସ ମୋର
କଜ୍ଜଳିତ ବହ୍ନି ବେଦନାରେ
ସଜଳିତ ଲୋତକେ ଲୋତକେ ।

ଏଇ ମେଘ ଦେଖି
କେହି କି ଆଳତା ଦିଏ
କଙ୍କଣର ଝନତ୍କାରେ
ଧ୍ରିମି ଧ୍ରିମି ମୃଦଙ୍ଗର ନାଦେ
ମନ୍ଦିରର ଝନନେ ଝନନେ
ଅଳନ୍ଦ କା ହୁଏ କି ନନ୍ଦନ ?

ଏ ମେଘ ଆପଣେ ଆସେ
ଶୃଙ୍ଗ ଶୃଙ୍ଗ ଡେଇଁ
ବିଦ୍ୟୁତ କଟାକ୍ଷ କରେ
ଅଧୀର ଗର୍ଜନେ ।

Digitized by PPRACHIN, SOA

ଅଣିଶ

ପ୍ରତିଶୋଧ ବିଫଳତା ନେଇ
ଜଳପି ଜଳପି ଆତ୍ମା
ନିଷ୍ଫଳ ଲୋତକ ଧାରା ସମ ବୋହିଯାଏ ।
ସେ ଲୋତକ ଧାରା ଏ କ ଇଚ୍ଛାମତୀ ନଦୀ ?
ପ୍ରତିଶୋଧର ଇଙ୍ଗିତ ନେଇ
ଫୁଟେ ଶଙ୍ଖ ବିଷ ମାଳ ଫୁଲ ।

ହୁଏ ତ ବା ଏଇ ଜନ୍ମ ପାରେ
ଏ ପୃଥିବୀ ଅବା ଅନ୍ୟ ପୃଥିବୀ ପ୍ରାନ୍ତରେ
ନୂତନ ମେଘ ଆସିବ ଶ୍ୟାମ ନଟ ବେଶେ
ଲଲାଟେ ତା କସ୍ତୁରୀ ତିଳକ
ବିଦ୍ୟୁତ କେୟୂର କରେ
କଦମ୍ବ କୁଞ୍ଜରେ ।
ଝମ ଝମ ବାରି ବରଷଣେ
ମାନସରୁ ଧୋଇଦେବ ମୋର
ବେଦନାର କଜ୍ଜଳର ଗାର
କେତକୀର ବାସ
ନେଇ ଭବନେ ଭବନେ ଉଠିବ ରଣନ
ମଞ୍ଜିର ମଞ୍ଜିର,
ତାର ତାର ବିପଞ୍ଚୀର
ମୂର୍ଚ୍ଛିତ ହୋଇବ ମେଘ ମହ୍ଲାରର ସୁରେ ।

ଅନାଗତ ସେ ନୂତନ ମେଘେ
ଆଜର ଲୋତକେ ମୁହିଁ ଦିଏଁ ଏ ଆଳତି ।

Digitized by PPRACHIN, SOA

ସାଗର-ସଙ୍ଗମ

ହେ ଦେବ ! ଜୀବନ ନଦୀ ମୋର
ବହେ ଛଳ ଛଳ
ଗାଏ କଳ କଳ
ଦୂର ପର୍ବତେ ପନ୍ଥ ରହିଲାଣି
ଢାଲୁ ଜମି
ଆଗେ ସମତଳ
ହେ ମୋର ଜୀବନ ନଦୀ ଗୋ
ହେ ମୋର ଅନୁରାଧା
କଣ୍ଠେ ତୋ ଫୁଟୁ ଛନ୍ଦେ ସଖିରେ
ମାଳଶ୍ରୀ ତାଳ
ଅବିରଳ ।

ଏ ଅନୁଶୋଚନା ଆହା କପାଁ ଅଭିମାନିନୀ ଗୋ
ବନ୍ଧୁର ଗିରିସଙ୍କଟ ସୀମା
ମନେ କି ତୋ ତୋଳେ ସଙ୍ଗିଣୀ ଗୋ ।
କୀଚକ କୁଂଜ ଉପଲ ଶେଯରେ ଥିରଥିର
ନ ବାଜବ କୋଳରେ ସଜନୀ ତୋର ପାଦର ନୂପୁର
ବାଜେଣି ଗୋ !

ଫୁଲର ପାଖୁଡ଼ା ଭରା ତୋର
ମଲ୍ଲି ମାର ବେଣୀ
ତୋର ଶ୍ୟାମ ଶାଢ଼ୀ
କ୍ଷୀଣ କଟୀତଟେ ଶିଥିଳ ମେଖଳା

Digitized by PPRACHIN, SOA

ଏକୋଇଶ

ମରିଯାଏଁ କେଡ଼େ ପରିପାଟୀ
ଆହା ସଖି ମନେ ପଡ଼ିଯାଏ କରେ
ଶ୍ୟାମ ଶାଖା
ମନେପଡ଼େ କରେ ସୁନା ମୁହଁ
ଶୀତଳ ନର୍ମ ଗେରୁମାଟି ।

ଆସିଥିଲେ ପଥେ ସହଚରୀ କେତେ
ବଜାଇ ପଦର ବଳା ସହି ପାଶେ
ପାଶେ ତୋହ
ଆପୂତ ଆଖିରେ ରଖି ନୀଳଶ୍ୟାମ
ଉପତ୍ୟକାର ସମାରୋହ ।
ଗିରି ବନ୍ଧୁର ଲଙ୍ଘନ ପଟୁ ଚପଳତା
ଉନ୍ନତ ବୁକେ ଚପଳ ଚରଣେ
ଚଟୁଳ ଓଠରେ
ଫୁଟାଇ ସଖିରେ
ଅହରହ ।

ପରିହାସୀ ସେହି ସଖୀଦଳ ସଖି
ରହିଲେଣି ତୋର କେତେ ପଛେ
କଳ୍ପନା ଯାର ଏବେ ବି ମନର ମରୁଭୂମେ
ମରୀଚିକା ରଚେ
ଅଳକ ଗନ୍ଧେ
ଫୁଟିଥିଲା ଯାର ବନଫୁଲ
ଅଙ୍ଗ ପରଶେ ପୁଲକ ଲଗାଇ
ଗଲେ ସିଏ
ତାରେ ଅନୁଶୋଚେଁ ।

Digitized by PPRACHIN, SOA

ବାଇଶି

ବର୍ଷା ବିପୁଳ ଘନ ରଜନୀର ଗିରିପଥେ
ମନେ ପଡ଼େ କରେ
ଅଭିଯାଣ
ମେଘେ ମେଘେ ବାଜେ ବଜ୍ର ମାଦଳ
ତିମିରରେ
ହାଣେ ବିଦ୍ୟୁର ତରବାଣ
ବନ୍ୟା ଉଚ୍ଛଳ ପଦ ଚଂଚଳ
ତୋର ସେ ଫେନିଳ ନୃତ୍ୟ
ପାଷାଣେ ପାଷାଣେ ବର୍ଷାର ବାର
ଦେଉଥିଲା ତାର
କରତାଳ ।

ଭାଙ୍ଗିଲୁ ସଖି
ଶିଳାର ପ୍ରାଚୀର
କଳ ଗର୍ଜରେ ଦଳପଦେ
ଗିରି ସୀମନ୍ତ ଯକ୍ଷ ବନିତା
ଉପହାର ଦେଲା କାନଫୁଲ ଛଡେ
ଉନ୍ମଦେ
ବନଗୃହ ପକ୍ଷି! ରେ ସଖି ପ୍ରମଦା
ଭୁଲି କଲୁ ।
ଗତ ପଥ ତୋର ସରଜ ସହଜେ
ଜନପଦେ ।

ହରିତ ଖେତରେ ଦେଖିଲୁ କ
ସବୁ । ଶିଶୁ ଶସ୍ୟର ସରଜନା
ବନ ଗ୍ରାମ ଗୁମ୍ଫା ରନ୍ଧନ ଶାଳେ
କୃଷାଣ ବଧୂର ନବଜନା

Digitized by PPRACHIN, SOA

ତେଇଶି

ରୂପସୀ ନଦୀରେ   ମନେ କ ତୋ
ଲୋଭ ଲାଗିଥିଲା
ଭୁଲ ବାଲୁଚରେ   ବିରମିବା ଲାଗି
ମାଡ଼ିଟିର
ନୂଆ କଳପନା ।

କାଖରେ ଗଗରୀ ଉତ୍ତର ସାଗରୀ
ଅଳସୀ ନାଗରୀ   ଆସିଲା କେ
କଳଙ୍କିଣୀ ସେ ନଗରୀ ସୀମାର
ଘାଟେ ଘାଟେ
ଯାଶୋର ଦେ ଛାରେ ···
ଯିବା ଆଜି ଦୂରେ   ସୁକୁମାରୀ
ଶୁଣ୍ ଶୁଣ୍ ତଟେ   ଘନ ନିର୍ଘୋଷେ
କିଏ ଡାକେ !

ଆଜି ହେବ ତୋର ମହା ସଙ୍ଗମ
ଜଳ ଶଯ୍ୟାରେ ଜଳଧିର
ତରଙ୍ଗ ଲତା ବାହୁ ବେଷ୍ଟନ
ଶୁଭ୍ର ଶଙ୍ଖର କଳଗୀର
ଫେନ ପୁଷ୍ପର   ମାଳା ଦୋଳାଇବ
ପରମାରାଧ୍ୟ ମହୋଦଧି
ଭୁଲ ଯା ସଜନୀ   ଏ ମାଟି ମାୟା ଲୋ
ବନ ମାୟା
ଏଇ ଅବନୀର ।

Digitized by PPRACHIN, SOA

ତୋ ଶିର ବାଲୁକା ପଥେ ମୁଁ ପଥୁକ୍ଷୀ
ପଡ଼ି ରହିବରେ ଏକା ଏକା
ଶେଷ ଏ ବିଦାୟ ସଡରେ ସଜନ
ହେବ ନାହିଁ ଆହା ଆଉ ଦେଖା
ଆଉ ତ ଶୋଭନା, ନ ହେବ ରଚନା
ସପନ ଧୂଶ୍ୱର ସୁନା ବୁକେ;
ଶୁଭ ହେଉ ତୋର
ଗଣ୍ଡେ ମୋ ପଡ଼ୁ
ତପ୍ତ ଶ୍ଳେତକ ହେଉ ଲେଖା ।

ସୁବର୍ଣ୍ଣ କଳସ

ଶ୍ୱେତହସ୍ତୀ ଓ ପାଟ ଛତ୍ରର ମୁଁ ସ୍ୱପ୍ନ ଦେଖେ
ସ୍ୱପ୍ନ ଦେଖେଁ ।
ତୀର୍ଥ ଜଳ ପୂର୍ଣ୍ଣ ସୁବର୍ଣ୍ଣ କଳସର
ନିଃସହାୟ ମରୁ ପଥିକର
ମଞ୍ଚକା ସ୍ନେହ ନେଇ
ପିଙ୍ଗଳାର ପ୍ରେମିକ ମୁଁ
ସୁବର୍ଣ୍ଣ କଳସର ସ୍ୱପ୍ନ ଦେଖେଁ ।

Digitized by PPRACHIN, SOA

ପଚଶି

ବହୁ ଯୁଗ ତଳେ
ଶୈଳ ତଳ ଶିବର ଶଯ୍ୟାରେ
ଅଞ୍ଜନ ସମ ଅନ୍ଧକାରରେ
ମୁଁ ଦେଖିଥିଲି
ନୀଳ ଅଞ୍ଚଳର ତଳେ
ପ୍ରଦୀପର ଶିଖା ବଞ୍ଚାଇ
ରାଜ ନନ୍ଦିନୀ ନନ୍ଦିକା
ସୁବର୍ଣ୍ଣ କଳସ ନେଇ ଆସିଥିଲା ।

ସିଂହାସନ ସାମନ୍ତ ଅଟ୍ଟାଳିକା
ରୂପଶୀଳା ପରିଚାରିକା
ଗଜଦନ୍ତ ପଲ୍ୟଙ୍କ ଜେମା
ଆଉ ଅସଂଖ୍ୟ ଆଳସ୍ୟ ଘଣ୍ଟାର ପ୍ରତୀକ
ସେ ସୁବର୍ଣ୍ଣ କଳସ
ସେ-ଦିନ ମୁଁ ପ୍ରତ୍ୟାଖ୍ୟାନ କରିଥିଲି ।

ଆଜି
ନିବିଡ଼ ଅରଣ୍ୟ ପଥେ ପ୍ରାନ୍ତରେ
ଲୋକାଳୟେ ଲୋକାଳୟେ ମୁଁ ଖୋଜିବୁଲେ
ସେ ସୁବର୍ଣ୍ଣ ମାଣିକ ।

ମନ୍ତ୍ର ଶାନ୍ତ ଭୁଜଙ୍ଗର ସମ ମନ୍ଥିତ ସାଗରର
ତରଙ୍ଗ ଭେଦି
ବାମ ହସ୍ତରେ ବିଷପାତ୍ର ଡାହାଣ —

Digitized by PPRACHIN, SOA

ଛବିଶି

ଭୂଜ ବଳୟୂରେ ସୁବର୍ଣ୍ଣ କଳସ ଭଙ୍ଗି
ଊଷସୀ ଉଦୟ୍ସ ସମ ଉର୍ବଶୀ ଫେର୍
ଉଠିବ କି ?
ଅନନ୍ତ ସାଗର ଉପକୂଳରେ ଛୁଡ଼ା ହୋଇ
ମୁଁ ସେ ସ୍ୱପ୍ନ ଦେଖେଁ – ଦେଖେଁ ।

ପଶ୍ଚାତରେ ପଶ୍ଚାତ୍ୟକ୍ତ ବନ୍ଦର
ଶସ୍ୟହୀନ ରକ୍ତ ଉଷର ଭୂମି
ଜନ ବିରଳ ଗ୍ରାମ ।
ସମ୍ମୁଖରେ ସାଗର
ସାଗରିକ ପକ୍ଷୀର କଳରବ ।
ନିଃସହାୟ୍ୟ ପରଶ୍ରୀ କାତର ଜୀବନ
ଅବିଶ୍ରାନ୍ତ ଅଳସ ସମୟ୍ସ ଖୋଜେ ।

ସେଣ୍ଟି ଦୂର ଆକାଶ ବଳୟ୍ସ ଭେଦି
କେବେ ସ୍ୱର୍ଣ୍ଣବାହୀ ବୋଇତ ଫେରି
ଫେରିଆସିବ ଏଇ ଉପକୂଳକୁ ?
ଅନେକ ଜଳଦସ୍ୟୁ ସଂଗ୍ରାମରେ
ଛିନ୍ନପାଲ
ଭଗ୍ନ ଆହୁଲାର କ୍ଷତ ବିକ୍ଷତ ବୋଇତ
ସୂର୍ଯ୍ୟ ସ୍ନାନରେ ବାଦାମୀ ଶରୀର
ମାଲଦା ଓ ମାଝୀ —
ନେଇ ମୁଁ ଫେରିବ କେବେ – କେବେ ?

Digitized by PPRACHIN, SOA

ସତେଇଶି

ମୋର ବୋଇତ ବନ୍ଧାଣ ଲାଗି
କେଷ୍ବ କ ପାଟ ଗୁଣ୍ଠନର ତଳେ
ଢାଳି ରଖିବ
ନସ୍ବନର ମଣିଦ୍ୱୀପ ?
ନୋଥର ମୁକ୍ତା ଝାଲର ଥରାଇ ଥରାଇ
ଓଷ୍ଠ ପୁଟରୁ ଅଜାଡ଼ି ଦେବ
ଅଜସ୍ର ଢଳଢଳ ।
ଆଜି
ମୋର ଆଗମନୀର ମଙ୍ଗଳ ମନାସି
ପଥେ ପଥେ ଥାପିଥିବ
ସୁବର୍ଣ୍ଣ କଳସ ?

— ୧ —

ଗ୍ରାମପଥ

ଦୂରେ ଢାଳବଣ ଆକାଶେ ଶୁଣାଏ
ମାଟିର କବିତା କ ସେ
ଏ ଗ୍ରାମର ପଥ ଢହ୍ନିଁ ଦିଗନ୍ତେ ମିଶେ
କ୍ଷେତ ପରେ କ୍ଷେତ କାଶଫୁଲ୍ ଆଉ ବେଣାରେ ଜଟିଲ୍ ପାଟ
ପାଟ ପରେ ବଣ
ବଣ ପାର ହେଲେ
ମାମୁଁ ଘର ଗାଆଁ ଦିଶେ ।

Digitized by PPRACHIN, SOA

— ୨ —

ପଥର ଏ ପାଖେ ବୁଣା ହରଡ଼ ଓ ବୁଠ
ଆଗରେ ଗୃରଣ ପଡ଼ିଆ ଗୋରୁର ଗୋଠ
ଶିମୁଳ ଶାଖାରେ ବାହୁନେ କପୋଣ୍ଟ
ଉଠ୍ ପୁତ ଉଠ୍
ଉଠ୍ ପୂରିଲାଣି ମାଣ
ଏ ପାଖେ କଇଁର ପୋଖରୀ
ଗାଧୁଆ ତୁଠ ।

— ୩ —

ଭୂଆସୁଣି ମାନେ ପାଦର ପାହୁଡ଼ ଏଥି
ମୁକୁଳା ବେଣୀରେ ପଖାଳେ ଦେଇଣ ମେଥି
ନଣନ୍ଦମା ତାର ଅଧିକ ଚତୁରୀ
ଗାଲରେ ହଳଦୀ ମାଖେ
ହଳଦୀ ପାଣିରେ ମୁହଁର ଗ୍ଲାଇଟି ଦେଖି ।

— ୪ —

ପୋଈ ଶାଗ ଆଉ ପାଣି କଖାରୁର ଲଡା
ମାଡ଼ି ମାଡ଼ି ଆସି ଛୁଇଁଲାଣି ଘର ମଥା
ସଜିନାର ଶାଖୁ ଝରିପଡ଼େ କେତେ
ଧୂଳି ଶେଯେ କଷି ଫୁଲ
ବୀଡ଼ି ଦେଦେ ମୁଣି ଅପରାଜତାର ଛଟା ।

Digitized by PPRACHIN, SOA

— ୫ —

ସେଇ ପଥେ ଫେରେ ଗ୍ରାମବଧୂ
ସାଂଝ ସକାଳ ସ୍ନାହାନ ଏକା
ଧୂଳିରେ ଆଙ୍କି ସଜଳ ଚରଣ ରେଖା
ମାଆ ବୋଲି ଥରେ ଡାକିବାକୁ ପ୍ରାଣ ଲୋଡ଼େ
ପୃଥିବୀର ସମ ସହନଶୀଳା ସେ ଅସୀମ କରୁଣାବତୀ
ନୟନେ ଶତେକ ଯୁଗର ବେଦନା ଲେଖା ।

— ୬ —

ଏ ପଥେ ଗ୍ରାମର ତରୁଣ ବିଦେଶେ ଯାଏ
ଲେଉଟା ପଥକୁ ନୂତନା ଘରଣୀ
ଆକୁଳେ ଅନାଇ ଥାଏ
କି ବାରତା ତାରେ ଆଣେ କିଏ ଜାଣେ
ଆଧାର ଲୋଡ଼ି ଏ କାନ୍ଦ
ଏ ଗ୍ରାମ ଦେବତୀ ସେ ବ୍ୟଥା ବୁଝେ କି ହାୟ !

— ୭ —

ଏ ପଥରେ ଗ୍ରାମେ ପ୍ରବେଶ ହୁଅଇ ବଧୂ
ବିତରି ବୁକୁର ମମତା ମୁଖର ମଧୁ
ପୁଅ ଝିଅ ନାତି ନାତୁଣୀରେ ରଖି
ମଶାଣି ଏ ପଥେ ଫେରେ
ଆସିବା ଜନର ସାକ୍ଷୀ ଏ ପଥ
ଫେରିବା ଜନର ବନ୍ଧୁ ।

Digitized by PPRACHIN, SOA

— ୮ —

ଜହ୍ନ ଏ ପଥେ ଢାଳଇ ରଜତ ମାୟା
କୁମାରୀ ଦଳର ମିଳିତ କଣ୍ଠୁ
ସଙ୍ଗୀତ ଉଠେ ଆହା
ଧାନ କ୍ଷେତେ ଚଳେ କୃଷକ ତରୁଣ
ଖୁସି ଶୟନ ପାଇଁ
ପ୍ରାନ୍ତର ଡେଇଁ ଧାଏଁ ଦେଖ ଦେଖ
ଭସାଣି ମେଘର ଛାୟା ।

— ୯ —

ଧୂଳି ଘର ଗୁଡ଼ି ଏ ପଥେ ଚଳଇ
ଶାଶୁ ଘର ଗାଆ ଝିଅ
ମାଆର ପଣତେ ବନ୍ୟା ରଚଇ
ଅମାନିଆ ଆଖି ଲୁହ
ଏ ପଥର ସ୍ମୃତି ଚେତନା ଲେଖଇ
ସେ କେଉଁ ଜନମ କଥା
ଛାତି ଫାଟିଯାଏ କାନ୍ଦନେ ତାର
ବିଧାତା କିପାଇଁ ଏ ବିଧାନ କଲା କୁହ ।

— ୧୦ —

ଶ୍ୟାମ ପ୍ରାନ୍ତରେ ଉଲଙ୍ଗ ଶିଶୁ ସମ
ଏ ପଥ ଘୁମାଏ
ନୀଳ ନଭେ ଯଥା
ଛାୟା ପଥ ମନୋରମ
ଗ୍ରାମ-ଝରଣାରେ ଲଙ୍ଘି ଏ ପଥ
ସରଗ ସୀମାକୁ ଧାଏଁ
ସନ୍ନ୍ୟାସୀ ସେ କି, ବିତର କରୁଣା ଧନ ।

Digitized by PPRACHIN, SOA

— ୧୧ —

ବନ୍ଦନା ତଟେ କରଇଁରେ ଗ୍ରାମପଥ
ବାଳକ ବେଳର ହେ ମୋ ପ୍ରିୟ ସାଥି
ଅଯୁତ ଦଣ୍ଡବତ;
ତରୁଣ ଦିନର କେଳି କୁଞ୍ଜ ତୋ
ତନୁ କର୍ପୂର ରେଣୁ
ତୋର ବେଣୁ ବନ ବିତାନେ ମୁଁ ଆଜି
କ୍ଳାନ୍ତ ଦିବସ
ଯାପନରେ ଉପଗତ ।

— ୧୨ —

ଭିଷାଶୀ ପ୍ରାଣ ପୀଡ଼େ ମତେ ଅହରହ
ପାଥେୟ ବିହୀନ ପଥିକ ମୁଁ ମଣେ
ଯାତ୍ରା ଏ ଦୁରବହ ।
ଖଇ ଓ ଫୁଲାରେ ଶୁଭ୍ର କରି ତୋ ତନୁ
ରାମ ନାମ ସତ ମନ୍ତ୍ରେ ଚଳିବି
ତୋ ଶିର ଶ୍ମଶାନେ
କେବେ କହ କେବେ କହ ।



Digitized by PPRACHIN, SOA

ବଢଣି

ଦୁଇଟି ନୀଳ କସ୍ତୁରୀର ତାରା

ହରତକୀ ଗୁମ୍ଫାର ତମିରେ
ହରଣୀ ନୟନର ଦୁଇଟି ନୀଳ କସ୍ତୁରୀର ତାରା
ଦୁଇଟି ଅବାକ୍ ସ୍ୱପ୍ନ ସୃଜନ କରେ ।
ସେଇ ସ୍ୱପ୍ନ ନେଇ ମୁଁ ଦେଖେଁ
ଦୂରେ ଶିଳା ତଟର କଠିଣ ବକ୍ଷରେ
ସବୁଜ ସମୁଦ୍ରର ଅବିଶ୍ରାନ୍ତ ଜଳ ଚନ୍ଦନ ଲେପନ
ତରଙ୍ଗର ସିତ୍କାର ।

ସାଗରିକ ବାୟୁର ସୈକତ ଶଯ୍ୟାରେ
ତାଳବଣ ନଦେଇ ନଦେଇ ବୃଦ୍ଧ ହୁଏ ।
ସେଇ ଦୁଇଟି ନୀଳ କସ୍ତୁରୀର ତାରାପାଇଁ
ହୁଏତ
ଅଜସ୍ର ଲୁଣି ତରଙ୍ଗ ସଙ୍ଗେ ସଂଗ୍ରାମ କରି
କେବେ ମୁଁ ଏଠାରେ କରିଥିଲି ସୂର୍ଯ୍ୟ ପ୍ରଣାମ ।
ଅଗଣିତ ଧନୁଷ୍ପାଣି ଓ ବଲ୍ଲମଧାରୀ ସୈନିକ
ଆଉ ପୋତର ସୂର୍ଯ୍ୟ ଲାଞ୍ଛିତ ପାଲ
ସମୁଦ୍ରର ସର୍ପିଳରେ ବିସର୍ଜନ ଦେଇଥିଲି ।
ଆଉ ପ୍ରତିଷ୍ଠା କରିଥିଲି
ଅସଂଖ୍ୟ ଜଳଚରର ଅସ୍ଥି କଙ୍କର ଉପରେ
ଏକ ଉର୍ବର ସଭ୍ୟତା
ଲୁଣ୍ଠନ ଓ ନାରୀ ଧର୍ଷଣର ।

Digitized by PPRACHIN, SOA

ବେଢଣୀ

ତୁମର ମାନସ ବିଳାସ ପାଇଁ
ମୋର ପାର୍ବତ୍ୟ ଦୁର୍ଗର ରକ୍ତ ପ୍ରସ୍ତର ଭୂମିରେ
ପୀତ ପାରିଜାତକ ରୋପଣ ପାଇଁ
ଗଣକର ବାଣୀରେ ଯୋଗିନୀ ତୋଷଣ ପାଇଁ
ଅର୍ପଣ କରିଥିଲି
ସହସ୍ର କ୍ରୀତଦାସର ବଳି ।

ତୁମର ନୟନର ଦୁଇଟି ନୀଳ କସ୍ତୁରୀର ତାରାର ସଙ୍କେତରେ
ସହସ୍ର ସହସ୍ର ପଣ୍ୟ ସମୃଦ୍ଧ ନଗରୀ ବିଧ୍ୱସ୍ତ କରି
ଉପଢୌକନ ଦେଇଥିଲି
ନରମ ଜଳ ଗନ୍ଧ ମଣି ମୁକ୍ତା ଓ ପ୍ରବାଳର ଡାଲି ।

ତୁମର ମଦ ପିଆଲାରେ
ଯେଉଁ ମୁକ୍ତାଟି ଭସ୍ମ ହୋଇଗଲା
ତାର ଶୀତଳତା ନେଇ
ଆଜି ମୋର ସ୍ୱପ୍ନ ଧୀରେ ଧୀରେ ମିଳେଇ ଯାଏ
ସୌଧ ଓ ସାମ୍ରାଜ୍ୟ ହଜି ହଜି ଯାଏ ।
ନୀହାର ବୃତ୍ତର ନିଷ୍ପ୍ରଭ ତାରକାର
ପାଣ୍ଡୁରତା ନେଇ
ତୁମେ ବ ତ ସ୍ମିତ ହୋଇଛ ।

ଆଗରେ କେବଳ ସମୁଦ୍ରର ନୀଳ ବିସ୍ତାର ଉପରେ
ଚୂର୍ଣ୍ଣ ବିଚୂର୍ଣ୍ଣ ସୂର୍ଯ୍ୟର ରେଣୁ ।
ହରିତକୀ ବନ
ଆଉ
ସାଗରିକ ପକ୍ଷୀର ଶୃଙ୍ଗାର କ୍ରୀଡ଼ା ।

Digitized by PPRACHIN, SOA

ସାଗରର ନୀଳ ଗନ୍ଧ ଉପରେ
ଆକାଶ ଆଜ ସାଉଁଳ ଆଣିଛୁ
ତୁମର ନୟନର
ଦୁଇଟି ତାରାର ନୀଳ କସ୍ତୁରୀ ।
ନିସଙ୍ଗ ମାରକତାରେ ଜୀବନ ମୋର ନୀଳ ନୀଳ
ସୈକତ ଶଯ୍ୟାରେ ଶୋଇ ଶୋଇ
ମୁଁ ଖୋଜେଁ
ଦୁଇଟି ନୀଳ କସ୍ତୁରୀର ତାରା
ଆଉ ସେ ଜୀବନ, ଦୁର୍ଗ, ସାମ୍ରାଜ୍ୟ, ମୁକ୍ତା, ପ୍ରବାଳ···

ହରତକୀ ଗ୍ଲପ୍ସୀର ତିମିରେ
ହରିଣୀ ନୟନର ଦୁଇଟି ନୀଳ କସ୍ତୁରୀର ତାରା
ଦୁଇଟି ସ୍ୱପ୍ନ ସୃଜନ କରେ ।

ଅନ୍ତରୀପର ରାତ୍ରି

ଦୂରେ ଏକ ଶ୍ମଶାନ ବନ୍ଦର
(ତାମ୍ରଲିପ୍ତ ? ବୋର୍ଣ୍ଣିଓ ବା ସିଂହଳର ?)
କେଉଁ ସାଧବର ପୋତ
ତହିଁ ଆଜ ପକାଏ ନଙ୍ଗର
ଆକାଶର ଯାଯାବର ପକ୍ଷୀଦଳ କହିଯାଏ
ସେଇ ଗଳ୍ପ ଆଜ ପରସ୍ପର ।

Digitized by PPRACHIN, SOA

ଏ ମିଳନ ଜ୍ୟୋତ୍ସ୍ନାତଳେ
ଶଙ୍ଖ ଶ୍ୱେତ ତେଣାର ସାମିଲ
ଅଳ୍ପ କିଛୁ ଦେଖାଯାଏ
ଏ ଆକାଶ ଦୁଗ୍ଧ ଧୌତ ନୀଳ,
ଗୃହଆଡ଼େ ନିଦ୍ରିତ ଆକାଶ
ନିମ୍ନେ ଶାନ୍ତ ସମୁଦ୍ରର ଘର୍ଘ ପରିହାସ-
ଦିଗନ୍ତ ଉଦାସୀ ତେଉ ନକ୍ଷତ୍ର ବିଳାସ ।

ସେ ବନ୍ଦର ଉପକୂଳେ
ନାରିକେଳ ବନ ?
ଶାଖେ ଶାଖେ କି ଜ୍ୟୋତିରିଙ୍ଗଣ ?
ଲୁଣି ବାୟୁ ?
ଆଉ ଏକ ଗଜଦନ୍ତ ପୋତେ
ଭ୍ରମର କି ସେ ବିବର୍ଣ୍ଣ ମନ ?

ରତ୍ନ ରୁକ୍ଷ ଅନ୍ତରୀପ
ଚତୁର୍ଦ୍ଦିଗେ ନୀଳାର ବଳୟ
ଛିନ୍ନ ପାଲ
ଭଗ୍ନ ଆତ୍ମା ମୋ ପୋତର ହାଲ;
ନେଇ ମୋର ନିର୍ବାସିତ ମନ
କରେଁ ଖାଲି ତରଙ୍ଗ ଗଣନ ।

ଦିନେ ଥିଲା ଏକ ଜନପଦ
ପଳାଶର ଶ୍ୟାମଳ ସମ୍ପଦ
କ୍ଷେତେ କ୍ଷେତେ ଲଙ୍ଗଳର ଗାର
କେତେ ଗୀତ ଫସଲ କଟାର,

Digitized by PPRACHIN, SOA

ଆଉ
ସ୍ରୋତ ଏକ ଜଳବନ୍ତୀ ନଈ
ଆଉ ଏକ ମନ ଥିଲା
ସାତ ସମୁଦ୍ର ସେପାର
ସେ କେଉଁ ଦ୍ୱୀପର
ହେ ବାସ୍‌ବଦତ୍ତା
ତୁମକୁ ହିଁ ନେଇ ।

କାହିଁ ସେହି ଜନପଦ
ନିର୍ବାପିତ କରି ଗୃହ ଦୀପ
ଖୋଜୁଛି ମୁଁ ଦ୍ୱୀପ ଦ୍ୱୀପ
ତା'ର ବନ ପ୍ରାନ୍ତର ପାହାଡ଼
ସୀମାହୀନ ସାଗର ବିସ୍ତାର
ସେହି ଏକମନ,

ଝଡ଼ର ଆବେଗେ ଲାଗେ
ଆକାଶେ ଯେ ଆଲୋକ ଅଙ୍କନ
ସେ ଆଲୋକେ ଖୋଜୁଛି ମୁଁ
ସ୍ୱପ୍ନ ସାର୍ଥକତା
ଅନ୍ଧକାର ପୋଛି ଆଣେ
ସେ ସବୁ ସେ ସବୁ
ହେ ବାସବଦତ୍ତା ।

ପାରନାହିଁ ସେ ସପନ ମନ,
ପାଉଛି କେବଳ
ଗହନ ଖୋସାର ଗ୍ଳାନି

Digitized by PPRACHIN, SOA

ସତଢରଶୀ

ଦେହର ବିଦ୍ୟୁତ୍ ଆଉ ଶାଢ଼ୀର କମ୍ପନ,
କଟୀ ଲଗ୍ନ ନୃତ୍ୟ କିଛୁ ମଦ୍ୟ
କିଛୁ ଆମିଷ ବ୍ୟଞ୍ଜନ,
କିଛୁ କିଛୁ ଅଶୁଚି ତୁମର ସଂକ୍ରମଣ ।

ଆଜି ଏଇ ଛିନ୍ନ ଭଗ୍ନ ମନ
ଏଇ ଅନ୍ତରୀପେ ରଚେ ତାର ନିର୍ବାସନ ।
ସନ୍ଧ୍ୟାର ଶକୁନ କରେ ଆରୋହଣ
ଏଇ ତାଳ ଶାଖେ
ହୁଏତ ଅନ୍ୟ ଦ୍ୱୀପର ପ୍ରଶାନ୍ତି
ତାଁରେ ଦୂରେ ଡାକେ
ସ୍ୱଜିର ପକ୍ଷୀର ଦଳ କେଉଁ ଏକ
ପ୍ରଗଲ୍‌ଭ ଉଲ୍ଲାସେ
ହୁଏତ ତୁମର ଦ୍ୱୀପ ତଟର ମିନାରେ
ଉଡ଼ି ଉଡ଼ି ଯାଏ
ହୁଏତ ବା କହେ ପରସ୍ପର
ସେଇ ସାଧବର ସାଥେ
ଆଜି ତୁମ ହୁଏ ସ୍ୱୟଂବର ।

ତାହାର ପୋତ କି   ଆଜି ଯାଏ ଫେର
ତୁମ କି ତର୍ଣ୍ଣିରେ
ଅବଗୁଣ୍ଠନର ତଳେ   ମଣି ଆଉ ବୈଦୁର୍ଯ୍ୟର ଭିଡ଼େ
ଏକ ବିନ୍ଦୁ ରକ୍ତିମ ଲୋତକ
ଏ ନାବିକ ପାଇଁ ସଞ୍ଚି ରଖ ।

Digitized by PPRACHIN, SOA

ସେ କଥା କି କହି ଉଠେ
ସମୁଦ୍ରର ଅଫୁରନ୍ତ ସ୍ୱର;
ସ୍ୱପ୍ନର ତ ମୃତ୍ୟୁ ନାହିଁ
ନାହିଁ ମୃତ୍ୟୁ ଅଶ୍ରୁ ନୟନର,
ସେ କଥା କି ରାତିର ପକ୍ଷୀର ଦଳ
କହେ ପରସ୍ପର ।

ନାଗୁଣୀ କନ୍ୟାର କାହାଣୀ

— ୧ —

ଗୃହ ଗ୍ରାମ ନାହିଁ
ଜାଗା ଜମି ନାହିଁ ସୀମା ନା ସରହଦ ନାହିଁ
ଲମ୍ବି ଯାଇଛି ମାଳ ପ୍ରାନ୍ତର,
ଉପରେ ଆକାଶର ସାମିୟାନା
କେବେ ମେଘର କେବେ ଚନ୍ଦ୍ର ତାରାର;
ତାର ତଳେ
ଆମ ଯାଯାବରର ସଂସାର
ଭଙ୍ଗା ବନ୍ଧାପଣା ପର୍ବ ପର୍ବାଣୀ ସୁଖ ଦୁଃଖର ଦୁନିଆଁ ।
ଖାଲି ମରିବାର ପାଇଁ
ସାଢ଼େ ତିନି ହାତ ମାଟିର ଦରକାର
ମାଟିରି ସଙ୍ଗେ ଏତିକି ମାତ୍ର ସଂପର୍କ ଆମର ।

Digitized by PPRACHIN, SOA

ଅମଳ ଦଖଲ୍ ନାହିଁ
ସ୍ୱତ୍ୱ ସାମିତ୍ୱ ନାହିଁ
ସ୍ଥାନ ନାହିଁ ସ୍ଥିତି ନାହିଁ
ସବୁ ଦେଶରେ ବିଦେଶୀ ଆମେ—
ଆମେ ଯାଯାବର ।

— ୨ —

ଦେଶ ଗ୍ରନ୍ତ ଦେଶ ଯାଉଁ
ଗୋଟିଏ ମଉସୁମରେ ଗୋଟିଏ ଇଲାକା,
ସାପ ଧରୁଁ
ହନୁମାଣ୍ଡ ଦେଖାଉଁ
ଭୂତ ଝାଡୁ
ବେସମୀ ଆରାମ କରୁଁ
ଧୂଳରେ ତିଆରି କରୁଁ ଖେଳର ଘର
ସେ ଘର ଭାଙ୍ଗୁ ଖେଳରେ ।
ଗୋଟିଏ ଦିନର କାହାଣୀ:—
ଶ୍ରେଷ୍ଠ ଗ୍ରାମଟି
ବେଜଣା ସୁରର କଥା ଶୁଣି
ଝୁଡ଼ି ଭିତରେ ସାପ ଦେଖି
ସମବେତ ହେଲେ
କେତେ ସ୍ତ୍ରୀ ଓ ପୁରୁଷ ।
ଆରମ୍ଭ କଲା ସାପର ଖେଳା
ତୋଳିଲା ପଦ୍ମତୋଳାର ସୁର
ଗୋଖୁର ଓ ତମ୍ପର ଫଣାର ତାଳେ ତାଳେ
ବାଜି ଉଠିଲା ନାଗଧୂମାର ମୂର୍ଚ୍ଛନା ।

Digitized by PPRACHIN, SOA

ରୁକ୍ମିଣୀ

ସହସା ଚକିତ ହୋଇ ଦେଖିଲି
ମୋର କାଞ୍ଚୁଲିର ଛିନ୍ନ ଅଂଶ ଦେଇ
ଗୋଟିଏ ତରୁଣର ଦୁଇଟି କରୁଣ ଆଖି
ମୋର ଦେହର ତରଙ୍ଗ ତରଙ୍ଗରେ
ହସି ଗଳୁଛି ।
ମୁଁ ଚକିତ ହୋଇ ଅନୁଭବ କଲି
ଥାଳିଏ ଜଳର ସମ
ଉଚ୍ଛ୍ୱଳିତ ଏ ମୋର ଭରା ଯୌବନ
ସେଇ ଛିଦ୍ର ଦେଇ ଯେପରି
କ୍ଷରିତ ହେଉଛି ।

— ୩୮ —

ପୋଖରୀ ତୁଠ
ପାହାଚରେ ଛିଡ଼ାହୋଇ ଗାଁ ବଧୂଟି ······
ସେ ପାଖରେ ଆମର ଗୋଟିଏ ବେଲାର ବସନ୍ତ ।
ପେଡ଼ ପେଡ଼ ଭର୍ତ୍ତି ସାପ
ମଣିନାଗ, ଶଙ୍ଖଚୂଡ଼ ଅହିରାଜ
ଚନ୍ଦ୍ରବୋଡ଼ା, କାଳ ନାଗୁଣୀ – ହରେକ ରକମ ··· ।
ନୂତନ ଧରା ହୋଇଥିବା ଶ୍ୱେତ ସର୍ପଟି
ଦନ୍ତ ଭଗ୍ନ ହୋଇ
ଦୀର୍ଘ ଶ୍ୱାସ ଛାଡ଼ୁଛି ।
ପୋଖରୀର ଗଭୀର ପଙ୍କରେ
ଅନେକ ଚକ୍ର-ପାଦର
ସଫେଦ ଫୁଲ
ଧାଡ଼ ଧାଡ଼ ବଗ ।······

Digitized by PPRACHIN, SOA

ସର୍ପର ସଙ୍ଗେ କୌଶଳ କ୍ରୀଡ଼ା
ଆଉ ଭଲ ଲାଗେ ନା
ଇଚ୍ଛା ହୁଏ ନା ଅପନ୍ତର ଅରଣ୍ୟ ଦେଇ
ଦେଶ ବିଦେଶ ଭ୍ରମଣ ।
ଇଚ୍ଛାହୁଏ ଗୁପ୍ତା ଘେର୍‌ ସେଇ ଗାଁର
ଶ୍ରେଷ୍ଠ କୁଡ଼ିଆଟି ଭିତରେ
ବଧୂଟିଏ ହୁଏଁ,
ଉଷୁନା ଧାନ ନେଇ ଅଗଣାରେ ଶୁଖାଏଁ,
ଢିଙ୍କି ଉପରେ ଗୋଡ଼ଟି ଦେଇ
ଗୁଣ୍ଡିଲ କୁଟେଁ,
ଗୋବର ନେଇ ରନ୍ଧା ଘରଟି ଲିପି ଆଣେ;
ଓଢ଼ଣା ଟାଣି ଦେଖେଁ
ଚୁଲ୍ଲୀ ମୁଣ୍ଡର ଧୂଆଁ କୁଞ୍ଜ କୁଞ୍ଜ ହୋଇ ଗୃହ ଛୁଉଁଛି ।
ନଣନ୍ଦ ଦିଅର ଶାଶୁ ଶ୍ୱଶୁର ସାଇ ପଡ଼ିଶାର ଦିନ
କ୍ରମଶଃ ସ୍ତିମିତ ହୁଏ ।...

ସଞ୍ଜ ଆସେ
ତୁଳସୀର ମୂଳେ ସଳତାଟିଏ ଜାଳେଁ
ଆଉ ଗଳାରେ ପଣନ୍ତ ଦେଇ
ତାର ପାଇଁ ମଙ୍ଗଳ ମନାସେଁ;
ରାତିର ନିଶୂନ ଅନ୍ଧାର ଭିତରେ
ଶୟନ କକ୍ଷର ପ୍ରଦୀପଟି ନିଭାଇ ଦେଇ
ବଳିଷ୍ଠ ବାହୁ ବନ୍ଧନରେ
ନିଜକୁ ମିଳାଇ ଦେଇ

Digitized by PPRACHIN, SOA

ବସ୍ତ୍ରାଳଗି

ହାତରେ ତାର ଉଦଗ୍ର ଓଠଟି ଚୁପି ଧରି
କାନେ କାନେ କହେଁ,
'ଚୁପ୍, ଚୁପ୍' ।

ମୃତ ନଦୀର ମରୀଚିକା

ଚେତନାର ଉପକୂଳେ
ହଠାତ୍ ସନ୍ଧ୍ୟାରେ
ଏକଦା ଅଜ୍ଞାତର ଗନ୍ଧ ସମ
ତୁମର ସ୍ମୃତିର ତରଂଗ ସବୁ ଲାଗେ ।

ସେ ଦିନ
ବୃଦ୍ଧ ପଲାଶର ମନେ
ଯେତେବେଳେ ଫୁଲର ଶ୍ରଦ୍ଧା ଲାଗିଥିଲା
ତୁମେ ଉଦାସୀ ବାୟୁର ପରିହାସ ହୋଇ
ତାର ନଗ୍ନ ଶାଖେ ଶାଖେ
କି ରୋମାଂଚ ଦେଇଥିଲ
ତୁମର ପରିହାସ
ସେଇ ରୋମାଂଚ ଟିକକ
ଦିଗନ୍ତରେ ଲେସି ହୋଇ
ଆଜି ଲାଗେ ଲାଲ୍ ।

Digitized by PPRACHIN, SOA

ତେୟାଳିଶି

ରାତିର ଧୂମଳ ଗ୍ରାମର ଛାୟା ଛାୟା ଭୟ
ବଂଶ ବନର ନଘଞ୍ଜ ସମୟ
ଅଜ୍ଞାକ୍ ଜ୍ୟୋତିରିଙ୍ଗଣର ବହ୍ନୁ ହିରଣ୍ମୟ ।
ପ୍ରାନ୍ତରର ଅନାମି ଲତାଟିରେ
ଫୁଲ ସବୁ କଥା ହୋଇ ଫୁଟେ
କଥା ସବୁ ହସ ହୋଇ ଉଠେ
ତାର ପରେ ଝରିଯାଏ
ତୁମେ ନକ ସେଇ ସବୁ ଝରା ଫୁଲର
ହଠାତ୍ ବିସ୍ମୟ !

ଗ୍ରୀଷ୍ମ ଦିନର ଅନ୍ତିମ ମାୟା
ଯେତେବେଳେ ରାତ୍ରିର ମନ ଟାଣିଆଣେ,
ନେପଥ୍ୟର ଅନ୍ଧକାରେ
ତାରାର ପାଦର ଝୁଣ୍ଟିଆ ସବୁ ବାଜି ଉଠେ
ରୁଣୁଝୁଣୁ ରୁଣୁ
ଦୃଷ୍ଟିର ଦୁଆର ବନ୍ଦ କରି
ଅବଶ୍ରାନ୍ତ ହେନାର ମ୍ଳାନ ସୁରଭି ଆସେ,
ତାର ସ୍ମୃତିର ବାତାୟନରେ ସ୍ନିଗ୍ଧ ମୁହଁଟି
ଭରି ଦେଇ
କିଏ ତୁମେ ମୋତେ
ଡାକ ଦିଅ ?

ଏ ଜୀବନ
କେଉଁ ଏକ ଗାୟକର ମାୟାବୀ ସଙ୍ଗୀତ —
ତାର ମୀଡ଼ ଓ ମୂର୍ଚ୍ଛନା
ବିଷାଦ ମିଳନ — ଅର୍ଥହୀନ ।

Digitized by PPRACHIN, SOA

ଏକ ଶୀର୍ଣ୍ଣ ଗୈରିକ ନଦୀ
ପ୍ରସ୍ତରର ମୋହ ମରଣରେ ମୃତ
ବାଲିଚରର ଧୂସର ଅଙ୍ଗସ୍ପର୍ଶରେ ମ୍ଳାନ ।

ନକ୍ଷତ୍ରର ଉପତ୍ୟକା ତଳେ
ଅଭିସାରର ଇସାରା ଦେଇ
ତୁମେ କିପାଁ ଡାକ ?
ସ୍ୱପ୍ନର ଅଗ୍ନି ଶିଖାରେ   ଡେଣା ଦୁଇଟିକୁ
ଦଗ୍ଧ କରିବା ପାଇଁ
ତୁମେ କିପାଁ ଡାକ —
ତୁମେ ମରୀଚିକା ?

ମହା ସାଗରର ଗ୍ରାସ

— ୧ —

ଦିକ୍ ବଳୟରେ ସନ୍ଧ୍ୟାର ଦୀପସମ ମ୍ଳାନତର ହୁଏ
ଚନ୍ଦ୍ରର ଭୀରୁ ରେଖା ।
ଦୂର ପ୍ରଶାନ୍ତ ମହା ସାଗରର ଅଯୁତ ଉର୍ମିଦଳ
ଜଳ ସ୍ତମ୍ଭର ତରଳ ଚରଣ ଚୁମି
ଲଘୁ ନର୍ତ୍ତନେ ଦେଇ ଉଠେ କରତାଳି ।

Digitized by PPRACHIN, SOA

ଟ୍ରପିକର କେଉଁ ଦ୍ୱୀପାନ୍ତରରୁ ସାଗରକ ସ୍ରୋତେ ଭାସି
ଆସିଥିଲା ଝରା ଅଜଣା ଲତାର ଫୁଲ
ବର୍ଦ୍ଧାମ୍ଭୁ ଲଳତ ଏ ଲଗନ ଦେଖି ଧୀରେ
ଲୋତକ ଲୋହିତ କର ଶତ କରତଳ
ଫିଙ୍ଗ ସେ ଫୁଲ ଊର୍ଦ୍ଧ୍ୱ ଅଯୁନେ ଢାଏ
ସାଗରକା କବା ଶଶି ପଦେ
ଶେଷ ପୂଜା ।

— ୨ —

ସାଗର ସମାଧି ଲଭ ଲୁଚଗଲେ କାହିଁ
ଭୂମିକମ୍ପର ଉତ୍ପାତେ ଏକ ଦ୍ୱୀପ
ମାଡ଼ ପ୍ରତ୍ୟାଶୀ ଇଗଲ ଶୀକାର ଶେଷେ
ଫେରେ ଯଥା ଭ୍ୱସ୍ତ ପ୍ରଶାନ୍ତ ବାୟୁ ଭେଦ
ତମିର ପ୍ରୟାସୀ ନଭ ଦେଶ କର ପର୍ଦ୍ଦର ମୁଖଶ୍ରୀତ
ଅପଥରେ ତଥା ଛୁଟିଅଛି ଏରୋପ୍ଲେନ ।
ତିର୍ଯ୍ୟକ୍ କର ଗନ୍ତପଥ ତାର ଗୂଢ଼ ବିଶ୍ୱାସଘାତି
ଲୌହ ଦାନବ ମାନବରେ ବନ୍ଧ ଆଣିଛି ମୃତ୍ୟୁପଥେ
ମେସିନ୍‌ରେ ତାର ଘଟାଇ ବିଶୃଙ୍ଖଳା
ପରାଜିତ ଶେଷ କୌଶଳ ଆଣି - ଲେପିଛି ଗୃଳକ ମୁଖେ
ମୃତ୍ୟୁର ମସିସ୍ତୁପ୍ସ।
ଆପଣାରେ ଭୁଲ ଭୁଲି' ସାଗରର ଗ୍ରାସ
ନମିଷକ ଲଗି ମନପଟେ ତାର ଉଏଁ
ସୁଦୂରକା ଦେଶ ମାଟି ପ୍ରିୟତମ ଛବି ।

Digitized by PPRACHIN, SOA

— ୩ —

ଆକାଶର ନୀଳ ରେଖା………. ।
କାଗ୍ରକୋଲ୍ ଅଧିତ୍ୟକା………. ।
ତଳେ ଘନଗୁଳ୍ମ ତମିସ୍ରିତ ଗିଲବନ
ତଳେ ବହିଯାଏ ଝରଣାର ନୀଳରେଖା
ଥରେ 'ଥରେ ତାର ଲମ୍ବା କୃଷକର ହରିତ ଶସ୍ୟକ୍ଷେତ
ସୌରଭ ଫୁଲର ଗନ୍ଧେ ମାତାଲ ବାୟୁ ।
ଦେବଦାରୁ ବନ ବଙ୍କିମ ପଥେ
ଶେଷ ଘଣ୍ଟ ଭରି ଜଳେ
ସନ୍ଧ୍ୟା ଆଗମ ଦେଖି
ଫେରୁଥିବ ଘରେ ତମ୍ବୁ ବାଳିକା ବଧୂ ।
ବୌଦ୍ଧ ମଠରେ ଜାଳଣ ଜାଗର ଶିଖା
ଆରାଧନା ରତ ଥିବେ ଋତ୍ୱିକ ଗଣ ।
ନନ୍ଦା ଦେବୀର
ଶିଖେ ଫେରିଥିବେ
ବନ୍ୟ ଗୁଗଲ ଦଳ
ନୀଳଭୂମି ପରେ ଚରି କ୍ରମେ ଦିନ ଶେଷେ ।
ସାୟାହ୍ନ ବେଳା ଦୂର ଦେବାଳୟେ ଶୁଣି ଆଳତିର ସ୍ୱନ
ପ୍ରବାସୀ ପୁତ୍ର ମଙ୍ଗଳ ମାଗି ମାଆ
ଥୋଇଥିବ ତାର କରଯୁଗ ଭାଲପଟେ ।
ଲୁଚାଇ ଯତନେ ଆଖିର ଲୋତକ ରେଖା
ଶୀତଳ ଶଯ୍ୟା ପ୍ରାନ୍ତରେ ବସି ଦୂର ଦିନାନ୍ତେ ଏକା
ଗଣୁଥିବ ଦିନ ଦିନ ବିରହିଣୀ ଜାୟା
ପ୍ରିୟର ବାହୁଡ଼ା ବେଳେ —
ଭାବୁଥିବ ଗଳେ ଭିଡ଼ିବାକୁ ବାହୁଲତା ।

Digitized by PPRACHIN, SOA

ନର୍ମି ନଟିମା ସ୍ଥାଂ ସିକସ୍ଥାଂର ଷ୍ଟାରୁ
ଶୁଭ୍ର ଗରବେ ଆସିଥିବ କ୍ରମେ ମାଡ଼ି
କୁହୁଡ଼ିର ସ୍ରୋତ ଭସାଇ ପଲ୍ଲୀପୁର
ପ୍ରାତଃ ଧୀପସମ ଚନ୍ଦ୍ର ଲିଭିଲେ ବନେ ।

— ୪ —

ଅସମାପ୍ତ ଏ ସ୍ୱପ୍ନରେ ଟାଣି ଧାର୍ଦ୍ଧ ପୃଷ୍ଟିଚ୍ଛେଦ
ଉଲ୍‌କାର ସମ ଭୈରବେ ଏରୋପ୍ଲେନ
ଛୁଡ଼ିଲା ଅଥଳ ଜଳେ
ଭୁଜଙ୍ଗ ସମ ଲୁବ୍‌ଧ ପ୍ରସାରି କର
ଫେନ ଚୂଡ଼ ଶତ ଊର୍ମ୍ମି ତାହାରେ ଘେରି
ଅଧୀର ନୃତ୍ୟେ ଲଗାଇଲେ ମହାବେଗ ।

— ୫ —

ମାଳାମ୍ବୁ ରାଶି
ଲହରୀ ବିକ୍ଷୋଭିତ
ବକ୍ଷରେ ତାର
ପାଣ୍ଡୁ କଳା ଯବନିକା
ଗୁରୁ ଗମ୍ଭୀରେ ଘୁମାଇଛୁ
ବିଶ୍ୱବଣି ।
ଧ୍ରୁବ ତାରା କରି ସଧୀରେ ପ୍ରଦକ୍ଷିଣ
ସପ୍ତର୍ଷି ଗଣ ଗଲେଣି ଅସ୍ତାଚଳେ ।

Digitized by PPRACHIN, SOA

ଅଠଗ୍ରୁଳଶି

ନିର୍ଜନ ରୌଦ୍ରେ ଧୂସର

ଏକ ଏକ ମରୁଦ୍ୱୀପ
ବାନ୍ଧବୀର ସମ ମୃଦୁହାସ
ସବୁଜର ?
ମୋର ମରୁବାସ
ଶେଷ କି ହେଲାଣି ?
ବହ୍ନିର କି ଶିଳାବନ୍ଧ ଭେଦ ଆହା
ହିମ ନିର୍ଝରିଣୀ !

ବାଲି ତରଙ୍ଗେ ତରଙ୍ଗେ ଗଜରଇ ତୃଣ
ଶିଉଳିର ମମତାରେ ବିଗଳିତ କଠୋର ପାଷାଣ ।
କି ଏକ ବସନ୍ତ ସ୍ନେହେ ଭରିଣ ଆକାଶ
ବିକାଶିଲ ଫୁଲର ବିଳାସ !
ସହସା ମରୁ ଭୂ ବୁକେ ସବୁଜର ସୃଜନ
ଆଣିଲ ଏ ଆଶାର ଫାଲ୍‌ଗୁନ !!

ଚତୁର୍ଦ୍ଦିଗେ ତୃଷିତ ସୂର୍ଯ୍ୟ ଭର
ନିଃସଙ୍ଗ ଏ ମରୁ
ନିର୍ଜନ ରୌଦ୍ରେ ଧୂସର
ମୋ ଅନ୍ତର ଏଥେ ଏକ ତରୁ ।
ଗୁମ୍ଫା ନାହିଁ ନାହିଁ ସଙ୍ଗେ
ଫଳବନ୍ତୀ ଲତା
ଆତୁର ନିକଟେ ଆସ — ଶୁଣ ତାର
ମରୁ ପ୍ରାଣ କଥା ।

Digitized by PPRACHIN, SOA

ଅଣସ୍ପୃଶ

ଲୁକ୍‌କାୟିତ ରସ ପାଇଁ
ମୃତ୍ତିକାର ସାଥେ ତା ସଂଗ୍ରାମ
କ୍ଷତ ଯୁକ୍ତ ଚେର ଗ୍ରନ୍ଥି – କଣ୍ଠାଗ୍ରତ ପ୍ରାଣ ।
ହେ ସଖି, ବାରେକ ମୋର ଅନୁରୋଧ ରଖି
ମଳୟ ରଥର ତବ ଅଶ୍ୱ ବଲଗା
କର ସମ୍ବରଣ
ମକର ଚୂଡ଼ ମୁକୁଟ ତୋଳି ରଖ
ଖୋଲିଦିଅ ରତ୍ନ ଆଭରଣ,

କେୟୂର କଙ୍କଣ ଦୂରେ ଥାଉ
ଏଇ ତରୁତଳେ ଆସ ନଗ୍ନ କରି ବାହୁ
କର ତାରେ ବାରେ ଆଲିଙ୍ଗନ,
ଆତୁର ଜଗାଅ ତାର
ନିଃଶେଷିତ ଆୟୁ
ଦେଇ ମାତ୍ର ଗୋଟିଏ ଚୁମ୍ବନ ।



Digitized by PPRACHIN, SOA

ପଗୃଣ

ବହିଯାଏ ଧୀରେ ଗୋଦାବରୀ

ତିଳୋତ୍ତମା ନଗରୀଏ ରାଜ ମହେନ୍ଦ୍ରୀର
  ଜଳଛବି ଅଞ୍ଚଳରେ କରି
    ବହିଯାଏ ବହିଯାଏ ଧୀରେ ଗୋଦାବରୀ ।

ପଶ୍ଚିମ ପର୍ବତ ମାଳା ତଳେ ଶୀର୍ଣ୍ଣ ସ୍ରୋତା
  କମଳାର ଫୁଲେ ବେଣୀଯୁତା
    ଗନ୍ଧ ମାର୍ଜାର ଶାଳଆପତମାର ନାଭି—
      ଗନ୍ଧେ ମତୁଆଲି
        ବହିଯାଏ
          ବହିଯାଏ ଧୀରେ ଗୋଦାବରୀ ।

ଏଇ ଜଳ ତରଙ୍ଗର ତଳେ
  ବଜ୍ରକୀଟ ଦନ୍ତକ୍ଷତ ଶାଳଗ୍ରାମ ଶିଳା
    ଏବେ ବି ତ ସ୍ୱପ୍ନ ଦେଖେ
      ଜଳାର୍ଦ୍ର ବସନେ
        ଅରଣ୍ୟ ମୟୂରୀ ସାଥେ ଫେରିଯାଏ ବନେ
          ଜନକ ତନୟା,
            ପଦ ଜଳ କୁଙ୍କୁମରେ
              ଚର୍ଚ୍ଚିତ ରୂପସୀ
                ଏଇ ନଦୀ— ସେ ଦିନ ସ୍ମରଣେ ।
                  ବିଳମ୍ବିତ
                    ବହିଯାଏ
                      ବହିଯାଏ ଧୀରେ ।

Digitized by PPRACHIN, SOA

ଏକାବନ

ମଦାଳସା ଯକ୍ଷିଣୀର ବିରହେ ବିଶୀର୍ଣ୍ଣ
ଯକ୍ଷ କରୁ ଖସିଥିଲା ସୁବର୍ଣ୍ଣ ବଳୟ
କେବେ ଏହି ନଦୀ ଜଳେ ?
ଉଦୟ ମେଘର
ଚୁମ୍ବନ ଆଘାତେ କେବେ
ଶଙ୍କିତା ଏ ନଦୀ
ଘଷି ଥିଲା ଇଷି ଇଷି ?

ଆଲିଙ୍ଗନେ ଆଲିଙ୍ଗନେ କୋରକିତ କେବେ
ହୋଇଥିଲା ଜଳଦର୍ଗୀ ତନୁ ?
ସେ ମେଘ ବିରହେ ଆଜ
କାନ୍ଦ କଇଁ କଇଁ
ବହିଯାଏ
ବହିଯାଏ ଧୀରେ ଗୋଦାବରୀ ।

କେତେ କୋଇଲେଖା ବଣ
କୈଶିକା ଝରଣା
ହରିତ ଶୃଙ୍ଗାର,
ଶାର୍ଦ୍ଦୂଳ ବିକ୍ରୀଡ଼ିତ ଏ ଗୋଦାବରୀ ତୀର ।
. . . .

ଆଜି ତ ଯାଏନା ଦେଖା ରାଜ ମହେନ୍ଦ୍ରୀର
ବାନ୍ଧବୀର ହର୍ମ୍ୟର ସାହାନା !
ତାର ପୁଷ୍ପ ମାଳ ଏ ଆକାଶ
ତାର ନୀଳ ଭ୍ରୂ ଅରଣ୍ୟ ଏହି,

Digitized by PPRACHIN, SOA

ବାବନ

ବିଦାୟୀ ଅଶ୍ରୁ କହ୍ଲେ ନୀଳ ନୀଳ
ଏହି ଗୋଦାବରୀ
ସେ ବ୍ୟଥାର ବିଷେ ନୀଳ !
ଯୁଗ ଯୁଗ ବିରହର ଅବତରଣିକା
ସ୍ରୋତମଣ୍ଡି ରୂପେ କିବା
ଦେବାକୁ ଆରତି
କେଉଁ ମିଳନ ମନ୍ଦିରେ
ବହିଯାଏ ଧୀରେ ।

କେବେ ଏହି ତଟେ କେବେ—
ଅଭ୍ରଂଲିହ ଏଇ ଗିରି ମୂଳେ
ନୀଳ ଚକ୍ରର ଲାଂଛିତ ପତାକାର ତଳେ
ଦେଇଥିଲି ରକ୍ତର ସଲାମି;
ଗଜପତିର ତୋରଣେ
ସମର୍ପିଲି ଆଣି

କାଞ୍ଚି ଜେମା—ନାହିଁ ଆଉ ମନେ ।
ଆଜିର ଏ ଜୀବନ ସଂଗ୍ରାମେ
ପଳାତକ ପ୍ରାଣ
ଏ ତଟେ ନେଇଛି ମାତ୍ର
ହଠାତ୍ ବିଶ୍ରାମ ।
ପଦ୍ମାବତୀର ପ୍ରଣୟ ନେଇ ଯଦି
ସେ ଦେଶ ତନୟା
ଦେଇଛି କିଛି ବା ଅଶ୍ରୁ ଆଉ କିଛି ମାୟା

Digitized by PPRACHIN, SOA

ସେ ପାଥେୟ ନେଇ
ଅଶ୍ରୁମଣ୍ଡି ଗୋଦାବରୀ ସମ
ବହିଯିବ
ଧୀରେ ଯିବ ବନ୍ଧୁ ।

ବର୍ଷାର କବିତା

— ୧ —

ବୃଷ୍ଟି ମୁଖର ଲଜକୁଳୀ ଗ୍ରାମପଥେ
ଶୁଣ କୃଷକର କର୍ଷଣ ଗାନ—
ଶୁଭେ ··· ଶୁଣ ସଖି ଶୁଭେ
ନୂତନ ଶସ୍ୟ କଆରୀ ପଙ୍କ ପଲ୍ଲଙ୍କେ ସାଥି ସନ୍ଧ
ପାତି ହଂସିନୀ ରମଣ ବିଳାସେ କୂଜେ ।

— ୨ —

ବନ ତୁଳସୀରେ ଆବୃତ ପଥ ଦ୍ୱଜେ
ପୁରାଣ ବୃଦ୍ଧ ବଟର ଓହଳ ଜାଲେ
ଶାଖା ଶଂକୁଳେ ଶକୁନୀ ରଚଇ ନୀଡ଼
ତଳେ ଓଦା ମାଟି ଚରଗୁଣି ଯହିଁ ଗବିରେ ଚୁଲ୍ଲି ଜାଳେ

— ୩ —

ଦେଖ ଦେଖ ସଖି ନୂତନ ଯୁବତୀ ନଦୀ
କୂଳ ଲଙ୍ଘନେ ସ୍ୱଦ୍ରୋହି ଆଜି କରେ
ନାରଙ୍ଗ ବନତଳେ ତାର ଭରା ରୂପର ଜୁଆର ଛୁଟେ
ତଟର ଗୁଣ୍ଡିରୁ ବାଳର ଅତଡ଼ା ପଡ଼େ ।

Digitized by PPRACHIN, SOA

— ୪ —

ଗ୍ରାମ ପାଖେ ଯେଉଁ ଶୂନ୍ୟ ପଡ଼ିଆ ଧୂ ଧୂ କରେ ବାର ମାସ
ଶାଗୁଆ ଘାସର ପିନ୍ଧିଛି ଆଜ କି ସେ
ଶାଗୁଆ ଶାଢ଼ୀଟି ପିନ୍ଧି ସେ ପଥେ
ନୂଆ ଭୂଆସୁଣୀ ଯାଏ
ଦେହେ ଉଦା ଶାଢ଼ୀ ଜଡ଼ ମନଲୋଭା ଢଙ୍ଗେ ।

— ୫ —

ଏ ଗ୍ରାମର ମାଳୀ ନାପିତ କର୍ମକାର
ପୁରୁଷ ନାରୀର ଧିଆନ ଧାନର ଖେତ
ଦ୍ୱିପ୍ରହର କ୍ଷୁଧା ମେଣ୍ଟାଏ ଲିଆ ଗୁଡ଼ ବାସି ପେଜ
ପ୍ରଣୟୀ ଯୁଗଳ
ଛଳ ଗୋପଣରେ ଭେଟ ।

— ୬ —

ଘର ସନ୍ଧୂଶୀ ପନକୀ ପାଖରେ କାଟଇ ଇଲିଶି ମାଛ
ଅଦା ରସୁଣ ଓ ସୋରିଷ ବେସର ବଟା
ଅତିଥି ହେବାକୁ ଲୋଭଲାଗେ ଯଦି ପଥୁକା ଅଟକି ଯାଅ
ପରଖ ପଧାନ ବୋହୂ ରନ୍ଧନ ଘଟା ।

— ୭ —

ବର୍ଷୁକ ମେଘ ବଳୟ ଗ୍ରାସଇ
ଦୂର ଶୃଙ୍ଗରେ ଦେଖ
କୋହ୍ଲ ବାଳିକା ଫେରିଆସେ ଗିରିମୂଳେ
ପାଛୁଆ ଭରି ତା ଜାମୁକୋଳି ଆଉ ଛତୁ
ଖୋସା ଭରି ତାର ବେନାମୀ ବନର ଫୁଲେ ।

Digitized by PPRACHIN, SOA

— ୮ —

କୃଷକ ଦୁହିତା ଢିଙ୍କି ଉପରେ ନାଚେ
ଗ୍ରାମ ଉଲୁସାଏ ସୁନାକାଠି ଧାନ ବାସ
ଓଦା ବାଲି ପଥେ ଶିଶୁଦଳ ବସି ରଜାର ଉଆସ ତୋଳେ
ଗ୍ରାମ କଦମ୍ବେ କଳକାର ପରକାଶ ।

— ୯ —

କୁଟୀର ଘଣ୍ଟା ବାଜ ଉଠିଲାଣି ଶୁଣ ଗୃହଶାଳୀ ଘରେ
ମେଲାଣି ଗୀତିକା ଏକକ କଣ୍ଠେ ଉଠେ
କଆଁସ ଫୁଟିଣ ବହିଯାଏ ଯହିଁ ବୃଷ୍ଟି ଜଳର ସ୍ରୋତ
ମୀନ ଲୋଭେ ତହିଁ ବାଳକର ଦଳ ଛୁଟେ ।

— ୧୦ —

ଯୁଆଳି ସ୍କନ୍ଧେ କୃଷକ ଆକାଶେ ଗୃହେଁ
ନୟନେ ତା ମେଘ ସ୍ୱାଗତ ଆକୁଳ ଗୀତି
ଧରଣୀ ଥୋଇଣ ବନ୍ଦନର ଡାଲି
ଜଳ ପ୍ରାର୍ଥନା କରେ
ଜଳ ପ୍ରାର୍ଥନା କରେ କର୍ଷିତ କ୍ଷିତି ।

— ୧୧ —

ମେଘଦୂତ ଏଥେ ରଚନା କରେ ନା କେହୁ
ଦିଗନ୍ତେ ନବମେଘ ଉଦୟନ ଦେଖି
ବିରହିଣୀ ବଧୂ ମାଗା ମୋକ୍ଷଣ କରି ଅନଙ୍ଗ ଶରେ
ଭୂର୍ଜପତ୍ରେ ଆଖି କଜ୍ଜଳେ ଲିପିକା ରଚେନା ଲେଖି ।

Digitized by PPRACHIN, SOA

— ୧୨ —

ସାଗ୍ର ଗ୍ରାମ ଆଜ କର୍ମ ମୁଖର ଦେଖ
ପ୍ରାନ୍ତରେ ଚଳେ ଜୀବନ୍ତ ରଚନା ଯେଣୁ
ନିଜ ଭୟେ ଖାଲି ଖୁରୁ ପଳାତକ ନରଜନେ ଏକା ମୁହିଁ
ବଂଫଳେ ବଜାଏ ମୋହର ଅଳସ ବେଣୁ

— ୧୩ —

ବୃଷ୍ଟି ମୁଖର ନିଜକୁଳୀ ଗ୍ରାମପଥେ
ନର ଦେବତା ଯେ ଆସି ହୋଇଅଛି ଉଭା
ପଦତଳେ ତାର କର୍ଷିତ କ୍ଷିତି ବର୍ଷୁକ ମେଘଶିରେ
ଆସ ଆସ ସଖି ତା ପଦେ ରଚିବା ଅଳସ ଗୀତର ପୂଜା ।

ଛୋଟ ମୋ ଗାଆଁ

— ୧ —

ଛୋଟ ପାହାଡ଼ର ତଳେ
ଶ୍ରେଷ୍ଠ ମୋ ଗାଆଁ
ନରମୀ ନଦୀଟି ତାର
ସେ ଶ୍ରେଷ୍ଠ ମାଆ ।
କରୁଣାର ଅଞ୍ଚଳ ପଡ଼େ କି ଫିଟି
କରୁଣ ଦିଶଇ ଦୂରୁ ଶ୍ରେଷ୍ଠ ଛବିଟି ।
ଦଗ୍ଧ ଦ୍ୱିପ୍ରହରର ରୁକ୍ଷ ଡାହା
ପ୍ରଖର ବାୟୁ ଝଲସି ଉଠଇ ହା ହା ।

Digitized by PPRACHIN, SOA

ସ୍ମୃତାବନ

ମଉନ ତାପସ ପରି ମେଲାଇ ଜଟ
ପ୍ରାନ୍ତରେ ଉଭା ଦେଖ ବୁଢ଼ା ବଟ ।
ଶ୍ରାନ୍ତ ଗୋଠଟି ନେଇ କ୍ଳାନ୍ତ ହୋଇ
ରଖୁଆଳ ବାଳକଟି ପଡ଼ିଛି ଶୋଇ ।
ମଉନାବିଷ୍ଟ — ରଜାର ଦୁହିତା, କାନେ
ସପନେ କି କହି ତା'ରେ
ବେଦନା ଆଣେ ।
ସେ ବେଦନା ନିଶ୍ୱାସେ ମଳିନ ଆହା
ଶ୍ରେଷ୍ଠ ପାହାଡ଼ଟି ତଳେ
ଶ୍ରେଷ୍ଠ ମୋ ଗାଆଁ ।

— ୨ —

ଅସ୍ତ ନଭଟି ପୋଛି ଦେଲାଣି ପସ
ନାରଙ୍ଗ ବରଣର ସ୍ନିଗ୍‌ଧ ଖସ ।
ପ୍ରାନ୍ତରେ ପ୍ରାନ୍ତରେ ଲୋହିତ ଲାଜ
ଗୋଧୂଳିର ମଂଜିର ମଧୁରେ ବାଜେ ।
ପଲାଶ କି ଅନୁରାଗ ଅଳସେ ଫୁଟି,
ବାନ୍ଧବୀ ସମ ଦୂରୁ ହସଇ ଉଠି ।
ପରିଚିତ ହୋଇ ବି ତ ଅପରିଚିତା
ଲାଜକୁଳୀ ଲତାଟି କି ପରଶ ଭୀତା ।
ଭୁଲେ ବି ଭୁଲିନ ଯାର ମରମୀ ସ୍ମୃତି-
ଦେଖେଁ ପାଖେ ଉଭା ସେଇ ଗାଆଁ ବଧୂଟି ।
ବ୍ୟଥାର କଜଳେ ତାର ନମିତ ଆଖି
କି ଅନାମୀ ମମତାଟି ଦିଅଇ ଆଙ୍କି ।

Digitized by PPRACHIN, SOA

ତାଙ୍କି ଆଣଇ ତାର ପଣତ ଗୁମ୍ଫା
ଛୋଟ ପାହାଡ଼ର ତଳେ –
ଛୋଟ ମୋ ଗାଆଁ ।

— ୩ —

ସୁବର୍ଣ୍ଣ ମନେ ଯେବେ ସଞ୍ଜ ଘେରେ
ତୃପ୍ତ ସବୁ ପକ୍ଷୀ ହୋଇ କୁଳାୟେ ଫେରେ ।
ବଲ୍ଲରୀ ସମ ଆହା ଅମିତ ସ୍ନେହେ
ସରସୀ ଜୋଛନା ପଡ଼େ ଅଜାଡ଼ି ଦେହେ ।
ରୂପସୀର ମେଖଳା କି ଚନ୍ଦ୍ରାହାର
ହୋଇ ମୁକୁଳନ୍ତି, ତଥା ଏ ଗାଆଁ ପଥ ।
ଶାଖେ ଶାଖେ ସ୍ୱପ୍ନର ପାହାଚ ତଳେ
ଜ୍ୟୋତିରିଙ୍ଗଣ ହୋଇ ଆଶାଟି ଜଳେ ।
ବାସି ବେଣୀର ବକୁଳ ବାସନା ପରି
ପାଶୋରା କାମନା ମନେ ପଡ଼ଇ ଝୁରି—
"ମନେ ଥାଏ ନା କି?" ଥାଏ –
ମନରେ ନା' କି –
ଜ୍ୟୋତ୍ସ୍ନାର ରୂପ, ରାତ୍ରି—
ମାୟାର ଆଖି !!
ଭସାଏ ସେ ଜୋଛନା, ସେ
ରାତ୍ରିର ମାୟା
ଛୋଟ ପାହାଡ଼ ତଳେ ଛୋଟ ମୋ ଗାଆଁ ।

Digitized by PPRACHIN, SOA

ଆକାଶ ପଥିକର ଆତ୍ମକଥା

— ୧ —

ଆଣ୍ଡିଜ ଶୈଳ ଶ୍ରେଣୀର ଶିଖରେ ଶିଖରେ
ସନ୍ଧ୍ୟାର ବର୍ଷଣ ମେଘ ନଇଁ ଆସେ ଅବଲୀଳା କ୍ରମେ ।
ଦୂର ଆଗ୍ନେୟ ଶୃଙ୍ଗର
ଲୋହିତାଭ ଶିଖା ଦେଖି
ବନ୍ଦରର ଯୋଜନ ଅନ୍ତରେ
ନଙ୍ଗର ପକାଇ
ହାଙ୍ଗର ଶିକାରୀ ପୋତ ନିଅଇ ବିଶ୍ରାମ ।
ମେଘ ସ୍ତୂପ ଶୀର୍ଷ ଦେଶେ
ଉଦ୍‌ଗିରିତ ଗନ୍ଧକର ସଂକ୍ରମିତ ବାୟୁସ୍ତର ଗୁଡ଼
ଚଳେ ମୁହିଁ ବିମାନ ଆରୋହୀ ।
ପରିଣତ ଫଳ ଶ୍ୟାମ ପାଇନ କାନନରେ
ଝରିପଡ଼େ ବର୍ଷା ଟ୍ରପିକର ।
ଇନ୍ଦ୍ରନୀଳ ଶୈଳ ଉହାଡ଼ରେ
କୁଆଡ଼େ ଲୁଚଇ ଧୀରେ ରବି ରଥ ଚୂଡ଼ା ।

— ୨ —

ମାଳୟର
ରକ୍ତ ଚନ୍ଦନର ବନେ
ଉଇଁ ଆସେ ଚନ୍ଦ୍ର ପୂର୍ଣ୍ଣିମାର ।
ତୃଣ ଆଚ୍ଛନ୍ନ ଅଞ୍ଚଳ ଶେଷେ
ଆଦିମ ବାସୀର
ସ୍ୱଳ୍ପ ଲୋକାଳୟ
ଶିମ୍ବ ଫୁଲ ଗନ୍ଧ ଲୋଭେ ନିଦ୍ରାଳସ ବାୟୁ

Digitized by PPRACHIN, SOA

ଷାଠିଏ

ରସୁଣ କଆରି ପ୍ରାନ୍ତେ
ଗୋମନ୍ଥନ ରତ କୃଷ୍ଣସାର
ଋଜୁ ଗ୍ରୀବା ଭଙ୍ଗି କମେ ପଡ଼ଇ ଚମକ
ଶୁଣି
ନଭ ପଥ ବାହି ମୋର ପୋତରଂଘର୍ଘର ।

— ୩ —

ସାହାରାର
ମରୁଦ୍ୱୀପ ।
ଉଠିଲେ ରନ୍ଧନ ଧୂମ ଲଳିତ କୁଞ୍ଚିତେ
ଆରବ ପଲ୍ଲୀରୁ —
ବ୍ୟଞ୍ଜନ ସ୍ୱାଦର ଗନ୍ଧ
ଆଘ୍ରାଣି ଅଳପେ
ଊର୍ଦ୍ଧ୍ୱ ମୁଖେ ଛୁଟେଁ ନଭବାହି
ଆୟତ ନୟନେ ମୋର ଗତିପଥ ଅନୁସରି ଗୃହେଁ
ଆରବ ବଣିକ ବାଳା ।
ମୁଖେ ତାର ଶତାବ୍ଦୀର ବସ୍ତୁସ୍ତର ଗୁପ୍ତା ତଳେ
ଲାବଣ୍ୟର କଲ୍ଲୋଳିତ ଢେଉ
ଅକସ୍ମାତ୍ ବାଜେ ମର୍ମ ତଟେ ।
. . . .
ଯୁଗ୍ମ ବେଣୀ ତାର
ପରିପୁଷ୍ଟ ସ୍ତନ ଯୁଗ ତଟେ
ପାତି ରଖେ ଆପଣାର ମରଣ ସ୍ୱପ୍ନ ।

Digitized by PPRACHIN, SOA

— ୪ —

ଭୂର୍ଜବନ ଶିରେ କେବେ ବର୍ଷା ଝରୁଥିଲେ—
ଇନ୍ଦ୍ରଧନୁ ରଜୁପଥେ ଛୁଟାଏ ମୋ ଯାନ ।
ସ୍ତର ମେଘ ଭେଦ କେବେ
ପ୍ରବାଳ ଶିଖାଗ୍ର
ସିନ୍ଦେମା ଡ଼ୁବୁରିସମ ଖସିପଡ଼େଁ
ଜନହୀନ ନଗର ପୁଳିନେ·········· ।
ଧରଣୀର ସ୍ନେହ ଲୁବ୍‌ଧ ବାୟୁ
ଏକମାତ୍ର ମର୍ମାନ୍ତିକ ବିରାଟ ଇଙ୍ଗିତେ
ମତେ
ବାନ୍ଧି ରଖିବାକୁ ଚୃହେଁ
ପଶ୍ଚାତର ଛଳେ ସ୍ନେହର ବନ୍ଧନେ—
ଦୂରନ୍ତ ଶିଶୁର ସମ ହସି ନର୍ମାୟୁର ହସ
ଉଡ଼ିଯାଏଁ ଦୂରେ ।

— ୫ —

ପୃଥିବୀର ମାଟି ଥରେ ଲଗିଥିଲା ଭଲ
ମନେପଡ଼େ ପ୍ରାଥମିକ ସମାରୋହ ହୀନ ଜୀବନର
ପ୍ରଥମ ଅଧ୍ୟାୟ
କଟିଥିଲା ଧରିତ୍ରୀର ଏକ ଲୋକାଳୟେ ।
·············
ହେମନ୍ତର ଦ୍ୱିପ୍ରହର ବେଳେ
ଦୂର ଗ୍ରାମ ଚୃଟଶାଳୀ ଘରେ
ଛୁଟି ଘଣ୍ଟା ବାଜି ଉଠୁଥିଲେ

Digitized by PPRACHIN, SOA

ବାଷଠି

ପୋଖରୀର ନଗୁଣ୍ଠିଆ ଭୂଟେ
ନିତ୍ୟ ତାର ସାଥେ ହୁଏ ଭେଟ
କଳା କଳା ଆଖି ଦୁଇଟିରେ
ମନ୍ତ୍ରମୁଗ୍‌ଧ ଦେଖୁଥିଲି ମୁହିଁ
ଲକ୍ଷ ଜୀବନର ମୋର ସ୍ଥାଣୁ ଇତିହାସ
ପୃଥିବୀର ମାଟି ମୋତେ ଲାଗିଥିଲା ଭଲ ।

ନୀଳ ନଦୀ ଉର୍ଦ୍ଧ ଦେଶେ ବାନ୍ଧିନେଲେ ଯାନ
କେବେ ଯଦି ମନେପଡ଼େ ଉପଗ୍ରେକ୍ତ କଥା
ମିଶରର ରୁକ୍ଷବାଲି ସ୍ତୂପ ଶୀର୍ଷ ଶିଖେ
ମନେ ଯଦି ପଡ଼େ କେବେ ସେ ଦିନର ସାଥୀ
ସୀମନ୍ତେ ସିନ୍ଦୂର ଆଉ ହାତେ ରଖି ଦୀପ,
ଆଜି କାର ଘର କୋଣେ ରନ୍ଧନେ ବ୍ୟାପୃତ —
ମେସିନ୍‌ର ଗତି ମୋର ଦ୍ୱିଗୁଣ ମୁଁ କରେଁ
ଲୁଚି ଯିବା ଯାକେ
ଧରଣୀର ମାୟାବିନୀ ଛବି ।

Digitized by PPRACHIN, SOA

ଜୀବନ ପ୍ରଭାତ

ନିସଙ୍ଗ ନୀଳ ରାତ୍ରିର ଅଜଣା ପ୍ରହରରେ
ହଠାତ୍ ନିର୍ଲଜ ସ୍ୱପ୍ନରୁ ଉଠି ଶୁଣେ
ଶୀତ କାତର ଲୌହ ଖଣିର
ବଏଲର୍ ଶବ୍ଦ ।
କେଉଁ ଅତିକାୟ ଦାନବର ଦୀର୍ଘଶ୍ୱାସ ପରି
ତାର ଚମକର ହା ହୁତାଶ,
ତାର ଲୌହ ଚକର ଘର୍ଷଣରେ ଶୁଣେ
ପ୍ରାଗ ଐତିହାସିକ ସ୍ତନ୍ୟପାୟୀର
ଖାଦ୍ୟ ରୋମନ୍ଥନ ।

ସେ ପାଖର ବାଦାମୀ ପାହାଡ଼ର ପଥର କାଟି
ଚଉଡ଼ା ଛାତିର ସ୍ୱେଦ ଗଡ଼ାଇ ଥିଲେ ଯେଉଁମାନେ
ସେମାନେ ଆଜ କାହାନ୍ତି ?
ପାହାନ୍ତର ସୂକ୍ଷ୍ମ ସ୍ୱପ୍ନ ପରି ସେମାନେ ମିଳାଇଛନ୍ତି
କୋଇଲା କଳର ଜମାଟ ବନ୍ଧା ଧୂଆଁରେ ।

ଦିନେ ଆଷାଢ଼ ଆସିଥିଲା
ବାଉଁଶ ବନର ମର୍ମର ଝଡ଼ ଶାଖାରେ
ଜଳଭଟର ଅଭିଭୂତ ନୀଳ ମେଘର
ନିବିଡ଼ ଗୁମ୍ଫାରେ
ସୁରୁ ହୋଇଥିଲା
ହସିଲ ଖେତର ଜୀବମା ରଚନା
ଶିଶୁ ଶସ୍ୟର ଚକ୍‌କଣ ଅଙ୍କୁରେ ।

Digitized by PPRACHIN, SOA

ଚଉଷଠି

ଉର୍ବର ଜମିରେ
ସୁନା ଫଳାଇଥିଲେ ସେମାନେ
ଶେଷ ଶୀତର ଚାଖି ଚାଖି ଧରି
ଉତ୍ସବ ମାଦଳର ତାଳେ ତାଳେ
ଯୁବତୀର ଦଳ ବାହୁଲତା ଛନ୍ଦାଛନ୍ଦି ହୋଇ
 ଗାଉଥିଲେ
କେଉଁ ଅଜଣା ପ୍ରଣୟୀ
ସନ୍ଦେହରେ ଗଳା କାଟି ଦେଇଥିଲା
ତାର ପ୍ରଣୟିନୀର; ତା'ର କଥା,
କମ୍ପା
ଅଜଣା ଇସାରେ
ଶସ୍ୟ ନଷ୍ଟ କରିଥିବା ପଙ୍ଗପାଳର ପ୍ରାଦୁର୍ଭାବ;
ଆଉ ଚାରିଆଡ଼େ
 ତରଙ୍ଗାୟିତ ହୋଇଥିଲା
ହିଞ୍ଜଳ ରସ ମିଶା ଅରୁଆ ଚାଉଳ ମଦର ବାସନା ।

ଉତ୍ସବ ଶେଷର ମହୁରୀର କରୁଣ ସ୍ୱର ପରି
ସେଇ ଦିନର ଏକ ଅଶ୍ରୁମିଶା ରାଗିଣୀ
ଯେପରି ଖେଳି ବୁଲୁଛି ଏଇ ବାୟୁ ମଣ୍ଡଳରେ ।
ଆଉ ଶୁଣେଁ
ନଗାଟିଏ ଚପା ଗଳା'ର କ୍ରନ୍ଦନ ଶବ୍ଦ
ଦୂର ପାହାଡ଼ର ଲୌହ ଶିରା ପ୍ରଶିରା
 ପ୍ରକଂପିତ କରି
ମୁକ୍ତି ପ୍ରାର୍ଥନା କରୁଛି ଯେପରି ସେ ।

Digitized by PPRACHIN, SOA

ଅର୍ଦ୍ଧ ରାତ୍ରିର କୃଷ୍ଣଶିଳା --
ଆକାଶ ପଥରେ
ମଦ୍ୟପି ଚନ୍ଦ୍ର ଢଳ ଢଳ ଚାଲିଛି ଅସ୍ତ ଗିରକୁ ।
କୌଣସି ଏକ ରାତ୍ରିର ପକ୍ଷୀ
ବିଶ୍ୱାସଘାତକ ପ୍ରଣୟିନୀର ଅନ୍ୟ ନୀଡ଼ରେ
ଅଭିସାର ଦେଖି
ଅନ୍ତର ଭରା ବେଦନା ଜଣାଉଛି
ଅସ୍ତଗାମୀ ଚନ୍ଦ୍ରକୁ !

ଦୂରରୁ ଶୁଣାଯାଉଛି କୋଇଲା ଖଣିର
କୁଲିର ବସ୍ତିରୁ କେଉଁ ମାତାଲର
ଭଙ୍ଗୁର ଗୀତିକା: —
ଟେସୁ ଫଲ ପର ଖୋଷା
ଖୋଷିଛି ଯୋଷା ।
ବୋଧହୁଏ ସେ ଦିନର ସେଇ
ଆଦିବାସୀ ଯୁବତୀର ଦଳ
ଖୋଲୁ ବସନ ତଳର ଦେହ
ଏବଂ ସଂକ୍ରମିତ ଉଚ୍ଛିଷ୍ଟ ସ୍ୱାସ୍ଥ୍ୟ ପରିବେଷଣ କରି
ଖୋରାକ ଯୋଗାଇଥିବେ ତା'ର ।
ଅର୍ଥ, ତମିସ୍ରା ଓ ସୁଲଭ ଗଣିକାର
ରାତ୍ରିର ଯାମ
ଦୀପାଧାରର ତୈଳସମ ନିଃଶେଷ ହୁଏ ।

ଅତିକାୟ ଦୈତ୍ୟର ମୁଖ ଗହ୍ୱର ପରି
କୋଇଲା ଖଣିର ଗର୍ଭରେ
ଜମାଟ ବାନ୍ଧେ ଅନ୍ଧକାର;

Digitized by PPRACHIN, SOA

ହିଣ୍ଟି

ସେ କି ସଭ୍ୟତାର ସମାଧି ମନ୍ଦିର ?
ମଣିଷ ହାତର ପ୍ରତିମା ପରି
ସ୍ୱତନ୍ତ୍ର ରୂପ ପରିଗ୍ରହ କରି
ସେ ମାଗେ ମଣିଷର ବଳି !!

ହଠାତ୍ ଝରର ପଦ୍ମଗନ୍ଧ ଭାସି ଆସେ
ଶିଉଳି ପୀଡ଼ିତ ପୋଖରୀ ହୃଡ଼ାରୁ···
ଉଷାର ଆଲୋକ ସ୍ପର୍ଶ କରେ ମୋର ଲଲାଟେ ।
ମୋର ଜୀବନ ଦେବତାକୁ ମୁଁ ପ୍ରଣାମ କରି କହେଁ;
ପ୍ରଭୁ ! ତୁମ ରାତ୍ରିର ପ୍ରଭାତ କେବେ ।

ରଥାଙ୍ଗ ମିଥୁନ

(ଦିବସର ଅବସାନେ ସେଥିଲାଗି ପଡ଼ିଛୁ ଭାଲେଣି,
ଆନ ପାର ଲଗି କିଏ ଆଗ ହୋଇ ମାଗିବ ମେଲାଣି ।)

— କାଳିନ୍ଦୀଚରଣ —

ରଥାଙ୍ଗ:

ଡାଆଣିଆ ଖବର
ମାଡ଼ି ଆସେ
ସଖି !
ରତ ରତ ବେଳ
ବୁଡ଼ି ଆସେ ।

Digitized by PPRACHIN, SOA

ସୁଖର ଦିବସ
ସରିଯାଏ,
ରାତିର ମାୟା
ଧୀରେ ଛୁଏ
ଲୋହିତ ବେଦନା
ଲେପିଦେଇ ଧୀରେ
ଦିଗ ତଟେ
ଗିରି ପ୍ରାନ୍ତରେ
ପଥ ଘାସେ ।

ରଥାଙ୍ଗ କାମିନୀ:

କମଳ ବଧୂର ଓଠ ଛୋଳି
ସଖା !
ଲୋତକ ତା କରତଳେ ବୋଳି
ସନ୍ଧ୍ୟାର ରଙ୍ଗ ରାତି ଲାଗି
ଗୁହାଁଯାଏ ଧୀରେ ଛୁଟି ମାଗି
ଗହନ ବୁକୁର ବିରହ ଯାତନା ଦିଗ ତଟେ
ଗାଢ଼ କୁଙ୍କୁମେ ଦେଇ ବୋଳି ।

ରଥାଙ୍ଗ:

ମୁଁ କପର ଯାଏ ସଜନୀରେ
ଆହା!
ଛାଡ଼ି ତତେ ଏଇ ରଜନୀରେ —

Digitized by PPRACHIN, SOA

ନପାି ଆଉ ଚଟେ ଏକା ଏକା
ଅଶ୍ରୁ କବିତା କରି ଲେଖା,
ମରଣ ତା ଚହୁଁ ଶ୍ରେୟ ବରଣ ତୋ ପଦତଳେ
ସଞ୍ଜ ନପାର ଘନ ମାରେ ।

ରଥାଙ୍ଗ କାମିନୀ:

ସଜନ ! ଗଞ୍ଜନ ଏ ତ କଥା
ଆହା
ମରମେ ବାଜଇ ଘୋର ବ୍ୟଥା,
କ୍ଷଣ ଲିରେ କୋଟି ଯୁଗସମ
ବହୁନେ ତୋରରେ ପ୍ରିୟତମ ।
ମରଣ ତା ଚହୁଁ ଶ୍ରେୟ ବରଣ ତୋ ପଦତଳେ
ତୁଳସୀର ମୂଳେ ଦୀପ ଯଥା ।

ରଥାଙ୍ଗ:

ଉପରେ ଦୀପିତ ଛାୟାପଥ
ସଖି !
ତଳେ ତାରକିତ ନୀଳ ସ୍ରୋତ ।
ଅନ୍ତର ଛାୟା କରି ସ୍ନେହ
କଣିଥିମା ଆସେ ଖେଳ ହୋଇ,
ଦିବସ ଯାମିର ବିବାହ ହୋମ କି ଜଳିଉଠେ !
ବ୍ୟଥାଦେଇ ମୋତେ ଅବିରତ ।

ରଥାଙ୍ଗ କାମିନୀ:

ବାସନ୍ତୀ ଯାମି ଲଗନରେ
ସଖା
ଚନ୍ଦ୍ର ଚକିତ ଗଗନରେ,

Digitized by PPRACHIN, SOA

ନଘା ପଠା ଫୁଲେ ପୁଲକର
ଶିଉଳି ଶେଯରେ ସୁଲଳିତ ।
ତୋର ସାଥେ ଥିବ କାମ ଆତୁରା ମୁଁ , ସହଚର !
ବାହୁ ବନ୍ଧନେ ମଗନରେ ।

ରଥାଙ୍ଗ:

ରାତ୍ରି ବାସର ମିଳନେ ହିଁ
ସଖି !
ମିଳେ ଯଦ୍ଧ ମତେ ମରଣେ ହିଁ ।
ସମାଧି ରଚିବ ତେବେ ମୁହିଁ
ପକ୍ଷତଳେ ତୋ ସୁନାମୁହିଁ ।
ଉଡ଼ି ଯା'ରେ ସଖି ! ଆନ ଅଭିସାରେ ଆନ ଘରେ
ଅନ୍ୟ ମାଡ଼ର ବରଣେହିଁ ।

ରଥାଙ୍ଗ କାମିନୀ:

ନଘାଚଠ ଶ୍ୟାମ କାନନ ଏ
ସଖା
ତୋ ବହୁନେ ମରୁ ସମାନ ଏ ।
କହିଲୁ ଏ କଥା କେଉଁ ପର
ଧିକ ମୁଁ ଶୁଣିଲି ଦେହ ଧରି—
ଜନମେ ଜନମେ ତୋ ଗୁଳିଲି ପଥେ ରେଣୁ ହୁଏଁ !!
....
ମିନତି ମୋ ରଖୁ ମରଣ ଏ ।

Digitized by PPRACHIN, SOA

— ରଥାଙ୍ଗ —

ହରିତ କ୍ରମଶଃ ମରେ ମୀଳେ
ସଖି !
ଦୂର ନୀଡ଼ରେ ବନେ ବନେ ।
ଦେଉଳର ଶିରେ ସ୍ୱାତି ତାରା
ବୁଣେ ଆଲୋକର ନୀଳ ଧାରା ।
ନ ଯିବ ସଜନୀ ଆନ ପାରେ ଉଡ଼ି ଏକା ଏକା
ମୂରୁଛି ନ ପାରେ ତଟେ ତଟେ ।

ରଥାଙ୍ଗ କାମିନୀ:

ଚନ୍ଦ୍ରର ସ୍ତବ ଉଠେ ଧୀରେ
ପ୍ରିୟ !
ନୀଳକଇଁ ବନେ ନଦୀ ତୀରେ··· ।
ସୀମନ୍ତେ ତୋର ପଦଧୂଳି
ରଖି ଏ ଜୀବନ ଯାଏଁ ଭୁଲି ।
ମୋ ପ୍ରାଣ ରହିଲା, ପ୍ରାଣ ଦୋସରରେ; ମରିଯାଏଁ
ଭସାନା ମୋତେ ତୋ ଆଖି ନୀରେ ।

ରଥାଙ୍ଗ:

ଆକାଶର ଏଇ ନୀଳମାୟା
ସଖି !
ଲେଖିଏ ଗୁହାଁ ତୋ ଆଖି ଛାୟା ।
ଶିଶିରର ଏଇ ନ ଦୀ ତ ରେ
ପୁଲକ ଜାଗେ ତୋ ପରଶରେ,
ଗନ୍ଧ ଛଡ଼ାଇ ଫୁଲ ଅଙ୍ଗୁ ତୋ ସୁରଭିରେ
ଶିକ୍ତ କରେ କି ତାର କାୟା ।

Digitized by PPRACHIN, SOA

ରଥାଙ୍ଗ କାମିନୀ:

ତେବେ ମରଣର ଅଭିସାରେ
ସଖା
ଚାଲ୍ ଆଜ ଆମେ ରମିବାରେ ।
ଏ ଦେହ ସୀମାର ଅଭିମାନ
ଦେଇ ଛାଡ଼ିଲିନ ଯେଉଁ ଦାନ,
ଶୃଙ୍ଗାର ଆଜ ସୃଜିବା ସେ ଦାନେ ଆମେ ଦୁହେଁ
ଜୀବନ ଭୂମିର ପରପାରେ ।

ରଥାଙ୍ଗ:

ସେ ସପନ ଲୋକେ ସହଚରୀ
ଆମେ
ମେଘ ବଳୟରେ ସଂଚରି,
ଅପରୂପ ସୃଷ୍ଟି ରଚନାରେ
ନୀଳ କୁବଳୟ ଲୋଚନାରେ,
ପାଶୋରି ଦେବା ଏ ମାଟି ପୃଥ୍ୱୀର ଅହମିକା
ମଳୟର ସମ ସନ୍ତରି ।

ରଥାଙ୍ଗ କାମିନୀ:

ବାଲିଚର ! ଦେଏ ମେଲାଣିରେ
ଛୁଟୀର ଲଗନ ହେଲାଣିରେ,
ମରଣ ଉଷର ଉଦ୍‌ଘୋଷିକା
ଲଲାଟେ ଲେଖଇ ନୀଳ ଟୀକା;
ବିଗତ ଦିନର ଅରୁଣ ସମ ମୋ ସୁଖ ସବୁ
ସୁଏ ଚୋର ଭାସି ଗଲାଣିରେ ।

Digitized by PPRACHIN, SOA

ମୈୟାଁ

— ୧ —

ସନ୍ଧ୍ୟା ଆସିଲେ ନଇଁ ଅଳସେ
ପାମିର ମାଳ ଭୂମିର କାନନେ
ଖାଇବର ସଙ୍କଟ ଘୋର ଗିରି ବର୍ତ୍ମେ,
ବାହୁନିଲେ ତୁଷାରର ଝଟିକା;
ଇରାକର କେଉଁ ଏକ ଦୂର ଲୋକାଳୟରେ
ଭରି ଘଟ ମରୁଝରର ସଲିଳେ
ମୈୟାଁ ଫେରଇ ତାର ଗନ୍ତ ପଥେ ଫୁଟାଇ
ତାଳେ ତାଳେ
ରୁବାଇୟାତ୍ ପଦ୍ୟ ।
ଆସ୍‌ମାନ କାଞ୍ଚଳ ଜାଫ୍ରାନୀ ଓଢ଼ନା
ତଳେ ଖେଳେ ସୁର୍ମାର ଭ୍ରୂଲତା,
ରଞ୍ଜିତ ଓଠେଳ ଲାଲିମାର ସ୍ୱପ୍ନ,
ଉନ୍ନତ ସ୍ତନେ କବା ଫୁଟେ ଯୁଗ କବିତା
ରଖି ପଦ ମିଳନ ଓ ଛନ୍ଦ ।
ବୟସର ଘୁଙ୍ଗୁରର ଯୁଗ ଜାନୁ ତଟରେ
ଯଉବନ ଛନ୍ଦରେ ମଠ ଗମନ
ଇରାକ ତରୁଣ ଥାଏ ପଥେ ତାର ଅନାଇଁ
ମାତାଲି ପିପାସା ଲେଖି ଚକ୍ଷେ ।

ଇରାକୀ ସେ ବାଳିକା
ନାୟିକା ସେ କେତେ ଶତ କବିର,
ଛବିରେ ଲେଖିବା ଲାଗି ଶିଳ୍ପୀର ସାଧନା
ତୁଳିକାରେ ଖୋଜି ବୁଲେ ରଙ୍ଗ ।

Digitized by PPRACHIN, SOA

ଡେସ୍ଟୁଣ

ଦୂର୍ବାଦଳର ଶିରେ ଜାଳେ ଯେବେ ପ୍ରଦୀପ
ଶୁଭ୍ର ଶିଶିର ମୋତି ମାଣିକେ
ସୁପ୍ତ ଶିଶୁର ନିଦ ଜାଗଇ
ପରିଣତ ଫଳ ଶ୍ୟାମ କାନନେ
ଗୁଲସ୍ତାନ ସିରାଜୀ ଓ ବସୋରା-ଇ-ଗୋଲାପେ
ମସ୍‌ଗୁଲ ହୁଏ ସାରା ଇରାକ,
ମୈସ୍ନାଁ
ଇରାକୀ ସେ ବାଳିକା,
ପୁଷ୍ପ ପାଗଳ ବନେ ସାଥୀହରା ପାପିଆ
ଦିଗ ସୀମାରେ ମିଶାଇ ନୟନର ମାଳିମ
ଦେଖେ କାର ଆଗମନୀ ସ୍ୱପ୍ନ ।

— ୨ —

ରାଜପୁତାନାର କେଉଁ ଷ୍ଟେସନ ଏକ ଷ୍ଟେସନ
ଝାଉଁ ଓ ବେଦାନା ବନେ ରମ୍ୟ,
ବାୟୁ କଟୁ-ସ୍ୱାଦ କଫ ଗନ୍ଧେ ।
ରାତ୍ରିର ମାରବତା ଭେଦି ତହିଁ ଆସିଲେ
ପାସେଞ୍ଜର ଗତି କରି କ୍ଳାନ୍ତ,
ମଳିନ ତା ପରିହିତ ରେଶମର ଲୁଙ୍ଗି
କୁଣ୍ଡାରେ ଜାଗେ ଶତ ଅଭାବ
ଦୀର୍ଘ କେଶର ଦାମେ ଅବସାଦ ଆଶୀଷ
ବିଦେଶୀ ତରୁଣ ଆସି ଡାକଯାଏ ଅଧୀରେ
"ଲେଁଲେ ପିଆରା ଖେଜୁର୍ ସାନ୍ତ୍ରା" ।
ଇଞ୍ଜିନ୍ ଧୂମ ଲେଖେ ତାର ଗାଲେ ଲଲାଟେ
କୋଇଲାର ପୁଞ୍ଜିତ କାଳିମା ।

Digitized by PPRACHIN, SOA

ଗୁଲ୍‌ଜାର ଯୌବନ ମଦ୍ୟେ
 ଲକ୍ଷ ଜନାନା ଆଖି ଦରଜାରେ ହାଣଇ
  ଗୁପ୍ତ ଫଂଠା ପରିହାସ କଟାକ୍ଷ ।

....

ତ
ଥା
ପି
ଯୋଜନ ଶତ ପାରେ ସେ ସ୍ୱପ୍ନ;
 ତା ଲାଗି
  ଦୁଇଟି ନୀଳ ଆଖିରୁ ଝରଇ —
   ମଙ୍ଗଳ ଆଳତି ଓ କବିତା ।

— ୩ —

ଫେବ୍ରଜା ହାବେଳି ଜାଳି ଗଗନେ
 ଇଦ୍ ଆସେ ଆସେ ପୁଣି ଫଗ୍ନଣ;
  ରୂପର ଫୋଆର ଛୁଟେ ବପିନେ —
   ମନ୍ଦର ସମୀର ଧାଏଁ ଅନ୍ଧ ।
 ମଳୟର ଝଡ଼ ଲାଗେ ପାଲରେ
  ଅପଥର ଢେଉ ଲାଗେ କାତରେ
   ଦୂର ଦ୍ୱୀପ ଲତା ବିତାନରୁ ଆସେ ଲଳିତେ
    ମାୟାବିନୀ ଘର ଛନ୍ଦା ଗୀତିକା;
     ତଥାପି ନାଉରୀ ରହେ ଅନାଇଁ
      ମକର କ୍ରାନ୍ତି ଦୂର ତୀର୍ଥେ,
       ଆକାଶ ଅସ୍ତନେ ଯହିଁ ଜାଳଇ
        ଧ୍ରୁବ ଲୋକେ କନ୍ୟା ବାଳିକା
         ଅଲକ୍ଷ ରଜୁ ତା ଖାରୁ ଧାପାଳି ।

Digitized by PPRACHIN, SOA

ମାଲ୍‌ବାର୍ ହିଲ୍

— ୧ —

ପ୍ରିୟ ମାଲବାର ହିଲ୍, ଆକାଶୀରଙ୍ଗରେ ତୁମେ ଆସନ୍ନ
ଗଳ୍ପ ଲେଖାର କଳ୍ପନା ସମାନ,
.... ତୁମର ଓ ମୋର
କଯୁତ୍ ପରିଚୟ ଆଜ କାଞ୍ଛିତ ସମ୍ମାନ ।
ସକାଳ ନାରଙ୍ଗ ରୌଦ୍ରେ ଆରବ ସାଗର ବକ୍ଷେ ଝଲମଲ ରଙ୍ଗନଟ-
ସୂର୍ଯ୍ୟର ଆରସୀ;
ମେରିନ୍ ଡ୍ରାଇଭ ଗ୍ରୁଡ଼ ସିନ୍ଦୂର ସାରସୀ
ଉଡ଼ିଯାଏ । ମାଳ ସିକ୍ତ ଜୁଆରର ଫେଣାଏ ଫେଣାଏ
ଦୁଇଟି ଶୁକ୍ଳ ସୁନ୍ଦରୀ ଡେଣାର କମ୍ପନ ତାର ଆନନ୍ଦ ଜଣାଏ ।
ମାଲବାର ହିଲ୍ ।
ଏ ମାଧବୀ ରୌଦ୍ରଦେଳ ତୁମର ଓ ମୋର ମଧ୍ୟେ ଆକସ୍ମିକ ମିଳନର
ଚୁକ୍ତିର ଦଲିଲ୍ ।

— ୨ —

ସ୍ପର୍ଶ ଓ ଶଙ୍ଖ ବକ୍ଷର ସୁନ୍ଦରଗଡ଼ ଅରଣ୍ୟ, ନଣ୍ଟୀ ଇଚ୍ଛାନଦୀ—
ଶ୍ରାବଣର ବର୍ଷା କନ୍ୟା ଶରତ ଲାବଣ୍ୟବତୀ ଗନ୍ତର ଧୂମ୍ର ପଦ୍ମ;
ତାଙ୍କର ମୁଁ ସନ୍ତାନ,
ପଶ୍ଚିମ ସିନ୍ଧୁର ସ୍ୱପ୍ନ ଇନ୍ଦ୍ରମାଳ ରୂପୀ ତୁମେ; ଜଣାଏଁ ପ୍ରଣାମ ।
ତୁମର ପ୍ରସ୍ତର ପଥେ ଅକସ୍ମାତ ଭେଟିଥିଲି ଦୁଗ୍ଧ ସମ ଶୁଭ୍ରନାରୀ
ଏ ଦେଶ ଅପସ୍ମରା
ମାନସିଂହ କବିତାର ଅନୁପ୍ରାସ ଗନ୍ଧରେ ତା ଆଁଖେ ହିଂଜଳ ବନର
ଅନ୍ଧକାରୀ ଭୟ;

Digitized by PPRACHIN, SOA

କାଞ୍ଚ କମ୍ବା ବଦର୍ଭ'ର ଶିଳା ନର୍ତ୍ତୀର ମୁଖଶ୍ରୀ
ବହୁଳ କେଶର ବନ୍ୟା ସମ୍ପନ୍ନ ନଶାର,
ଅଦୃଶ୍ୟ ସମ କନ୍ୟା ଗଲେ ଅଦଶ୍ୟ ମଣି ସ୍ୱୟଂବର କନ୍ୟା କିବା
କେଉଁ ବାଦଶାର,
ଶତାବ୍ଦୀର ସ୍ମୃତି ସେତୁ ପାରେ ମିଳନ ମହଲେ
କୃଷ୍ଣ ଯବନିକା ଗଲ୍ ଖୋଲ ବାତାୟନେ
ଭେଟିଲି ମୁଁ ଦକଥିଲା ପ୍ରିୟାରେ ସଘନେ ।
ତପ୍ତ କଣ୍ଠ ଯାଯାବର ମନ ଆଜ ବାଲୁକାର ସ୍ଫୀତ ପାରବାରେ
ମୃଗ ତୃଷ୍ଣିକାର ଦ୍ୱାରେ ଶୁଣିଲ୍ କ ଜୁଆରର କଲ୍ଲୋଳ ଝାଣାର
— ଡାନ ମଳାର ବେଳାରେ ।
ମାଲବାର୍ ହିଲ.
ନୂତନ ସୂର୍ଯ୍ୟ ଶପଥ ଭିନ୍ ଦେଶିମାର ସହ
— ତୁମର ପ୍ରଶସ୍ତ ପଥେ କରଛୁ ସାମିଲ୍ ।

— ୩ —

ଗୁଡ଼ ଆସିଛୁ ହେ ପ୍ରିୟା ନରୁଦ୍ଦେଶ ନଗରର ପ୍ରାଚୀରର ପାରେ
ସନ୍ଧ୍ୟାର ସିନ୍ଦୁରେ ମୋର ବ୍ୟଥାର ସିନ୍ଦୂର ଲିପି
ରକ୍ତସ୍ରାବୀ କ୍ଷତସମ ଅଙ୍କିତ ରେଖାରେ ।
ଫୁଲ ଫୁଲ ହେ ସିନ୍ଦୁର ମଳବକ୍ଷେ ଭ୍ରମିଉଠେ ବେଦନାର୍ତ୍ତ ଫଣା
.... ମୌନ ମନ ମୟୂରର ଡେଣା ।
ସନ୍ଧ୍ୟାର ମାଦାର ମଳ ନଗରର ରାଜପଥ ଗୁଡ଼
ଚଳିଛୁ ମୁଁ ନଗ୍ନପଦେ ପ୍ରୀତିର ପଦ୍ମାର,
ଗ୍ରାମର ଅଯ୍ୟନେ

Digitized by PPRACHIN, SOA

ଅଶ୍ରୁ ଅଭିସାରୀ ଆଖି ବିଷର୍ଣ୍ଣ ବଦନେ;
ଲକ୍ଷ କ୍ରୋଶ ଦୂର ପାରେ ଇଚ୍ଛାନଦୀ ତୀରେ ଖୋଜେଁ
ସେ ମନର ମିଲ୍
ଶ୍ରୀମତୀ ଶୀଲାର; ଆଜ ମାଲ୍ ବାର୍ ହିଲ୍ ।

ନନ୍ଦାଦେବୀ

ଦୂରେ ଦକ୍ଷିଣ ସାଗର ଅନନ୍ତ ଜିଜ୍ଞାସା
ନିମ୍ନେ ସୈନ୍ଧବ ଗାଙ୍ଗେୟ ଅବବାହିକାର
ତିମିର ପିପାସା,
ଉତ୍ତର ସୀମାନ୍ତ ତଳେ
ହିମ ଉର୍ଦ୍ଧ୍ୱସ୍ଥଳ
ତୁମେ ଏକା ଚିର ନିରୁତ୍ତର ।

ହିମଶିଳା ଆସନରେ ଧ୍ୟାନମଗ୍ନ ନଟ
ପିଙ୍ଗଳ ଅମ୍ବର ଚୁମ୍ବେ ଜଟ,
ଗଙ୍ଗୋତ୍ରୀର ଉପବୀତ
ପରିହିତ ଶାର୍ଦ୍ଦୂଳର ଛାଲ୍
ନୀରବ ଗମ୍ଭୀର ମହାକାଳ !
ସେଇ ଯୋଗଶିଳାର ସମୀପ
କି ଆନନ୍ଦ ଆରାଧନେ ନନ୍ଦା ଦେବୀ,
ମୌନ ମନେ ଜାଳନ୍ତି ଦୀପ ?

Digitized by PPRACHIN, SOA

ଅଠସ୍ତୁର

ପୂର୍ବ ସାଗରର ତଟୁ   ଦୂର ଅସ୍ତ ଶେଖରର ଯାଏ
ଆସୁରିକ କଳାଗ୍ରସ୍ତା   କଲୁଷର ପଙ୍କେ ଅବଗାହେ;
ଉତ୍ସବ ରଚନା କରେ ରକ୍ତବୀର୍ଯ୍ୟ ଦଳ
ଛିନ୍ନ ବୃନ୍ତ କରି ଲକ୍ଷ ପ୍ରାଣର କମଳ ।

ଏ ଶଙ୍କିତ ଶଙ୍କଟରେ
ଜାଗ ଜାଗ ଜାଗ ହେ ରୁଦ୍ରାଣୀ;
ତ୍ରିଶୂଳର କ୍ଷୁରଧାରେ ଅନ୍ଧକାର ମହିଷରେ ହାଣି
ଶୋଣିତେ ଅରୁଣ କର ଉଦୟର ଭାନୁ;
ଶିଙ୍ଗାର ନିର୍ଘୋଷ ତବ
ପ୍ରାଣର ମୃଣାଳେ
ଅମୃତରେ ଆଣୁ ।

ଜଗାଅ ରୁଦ୍ରରେ,
ସକଳ ସଂଶୟ ମେଘ ବିଖଣ୍ଡିତ କର ଅନମ୍ବରେ;
ବାଜି ଉଠୁ ଅନାହତ ସୁର;
ନୂତନ ସୃଷ୍ଟିର ବୀଜ ନୂତନ ଅଙ୍କୁର
କରୁଣାର ବିଗଳିତ ହିମଧାରେ
କରିଷ୍ଣୁ ଧାବନ
ଆଣି ସ୍ୱର୍ଣ୍ଣ ଶସ୍ୟର ସପନ

ଜୟପୁର ପ୍ରକାଶ ପ୍ରେସ୍‌ରେ ଶ୍ରୀ ରାମନାଥ ପଣ୍ଡାଙ୍କ ଦ୍ୱାରା ମୁଦ୍ରିତ ।

Digitized by PPRACHIN, SOA

ଆପଣଙ୍କ ପଢ଼ା ଘରକୁ ସମୃଦ୍ଧ କରିବା ପାଇଁ
କିଣନ୍ତୁ--

ଉପନ୍ୟାସ	(ଡିଟେକ୍ଟିଭ) ଅନ୍ତର୍ଗୃହ	ଶ୍ରୀ କାହ୍ନୁଚରଣ ମହାନ୍ତି
	ସ୍ୱପ୍ନ ନା ସତ୍ୟ	ଶ୍ରୀ କାହ୍ନୁଚରଣ ମହାନ୍ତି
	ଦଇବ ଦଉଡ଼ି	ଶ୍ରୀ ରାମନାଥ ପଣ୍ଡା
	ଅଦୃଶ୍ୟ ଆଶୀର୍ବାଦ	ଶ୍ରୀ ରାମନାଥ ପଣ୍ଡା
	ପରାଗ	ଶ୍ରୀ ବାମାଚରଣ ମିତ୍ର
	ମରୁତୃଷ୍ଣା	ଶ୍ରୀ ବଂଶୀଧର ମହାନ୍ତି
	ରାସ୍ତାଧାରରେ ଗୋଟିଏ ରାତ	ଶ୍ରୀ ବଂଶୀଧର ମହାନ୍ତି
ଗଳ୍ପ ସଂଗ୍ରହ	ସ୍ୱପ୍ନସିଦ୍ଧ	ଶ୍ରୀ ବାମାଚରଣ ମିତ୍ର
	ଅସୀମ	ଶ୍ରୀ ବାମାଚରଣ ମିତ୍ର
	ପାଷାଣର ପ୍ରାଣ	ଶ୍ରୀ ବାମାଚରଣ ମିତ୍ର
	ଭଙ୍ଗା ଖେଳଣା	ଶ୍ରୀ କଲେଶ୍ୱରଚରଣ ଦାସ
	ଅସ୍ତରାଗର କଳ	ଶ୍ରୀ ମଙ୍ଗଳଚରଣ ବିଶ୍ୱାଳ
	ସ୍ମୃତି	ଶ୍ରୀ କୃଷ୍ଣଚନ୍ଦ୍ର ଜେନା
କବିତା	ଭଞ୍ଜ-ଭାଗବତ	ଶ୍ରୀ ବୈଦ୍ୟାନନ୍ଦ ରାୟ
	ଫେରିଆସ	ଶ୍ରୀ ନରସିଂହ ମିଶ୍ର
	ଲାଙ୍ଗୁଳିଆ	ଶ୍ରୀ ରଘୁନାଥ ପାଣିଗ୍ରାହୀ
	ନୁହେ ଏ କଥା	ଶ୍ରୀ ଚିତ୍ତରଞ୍ଜନ ମହାନ୍ତି

Digitized by PPRACHIN, SOA

ନାଟକ	ବ୍ରତଭଙ୍ଗ	ଶ୍ରୀ ରାମନାଥ ପଣ୍ଡା
	କର୍ପୂର ମଞ୍ଜରୀ	ଶ୍ରୀ ସଚ୍ଚିଦାନନ୍ଦ ମହାନ୍ତି
ଶିକ୍ଷା	ଶିକ୍ଷା ସିଦ୍ଧାନ୍ତ	ଶ୍ରୀ ଲୋକନାଥ ପଣ୍ଡା
ସାହିତ୍ୟ	ଓଡ଼ିଶା ଓ ଜୈନଧର୍ମ	ଶ୍ରୀ ଲକ୍ଷ୍ମୀନାରାୟଣ ସାହୁ
	ବେଦ ମନୁଷ୍ୟ କୃତ କି ?	ଶ୍ରୀ ପ୍ରିୟବ୍ରତ ଦାଶ (ଓଡ଼ିଶା ସାହିତ୍ୟ ଏକାଡେମୀ ଦ୍ୱାରା ପୁରସ୍କୃତ)
	ଶ୍ରୀମଦ୍ ଭଗବଦ୍ ଗୀତା	୰ ନିରଞ୍ଜନ ବିଦ୍ୟାଧର
ଚିକିତ୍ସା	ଚୁଟୁକା ଚିକିତ୍ସା	ଶ୍ରୀ ମୃତ୍ୟୁଞ୍ଜୟ ମିଶ୍ର

ପାଠାଗାରମାନଙ୍କ ପାଇଁ କମିଶନ ସହ ପୁସ୍ତକ ପାଇବାକୁ ଯୋଗାଯୋଗ ସ୍ଥାପନ କରନ୍ତୁ—

ନଂ ୩୯

ବିକାଶ ପ୍ରତିଷ୍ଠାନ

ଜୟପୁର (କୋରାପୁଟ)

Digitized by PPRACHIN, SOA